ବର୍ଷ-୨୫, ସଂଖ୍ୟା-୨୩୮
ଭୁବନେଶ୍ୱର
୦୫, ସେପ୍ଟେମ୍ବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 238
Bhubaneswar
05, September, 2025 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆଜି
ଗୁରୁଦିବସ



# ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ



**ନୂଆଦିଲ୍ଲୀ,୪।୯(ମହାଭାରତ):** ଚାରିଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ବିଭିନ୍ନ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଛନ୍ତି।

ଆଜି ନୂଆଦିଲ୍ଲୀଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମହାମହିମ ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ବିକାଶ ପରିଯୋଜନା, ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମର ଦୃଷ୍ଟିକୋଣ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ।

ଆଜି କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ଓଡ଼ିଶା ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସହ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ସେମିକଣ୍ଡକ୍ଟର ଶିଳ୍ପ ଏବଂ ଆଇଟି କ୍ଷେତ୍ରର ପ୍ରସାର ଆଦି ବିଷୟରେ ଆଲୋଚନା ହୋଇଛି।କେନ୍ଦ୍ର ଜଙ୍ଗଲ , ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଓଡ଼ିଶା ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସହ ପରିବେଶ ସୁରକ୍ଷା, ବନ ସଂରକ୍ଷଣ, ଜଳବାୟୁ ଅନୁକୂଳତା ଏବଂ ବୃହତ୍ତର ବିକାଶ ଆଦି ବିଷୟଗୁଡିକ ଉପରେ ଆଲୋଚନା କରିଥିଲେ। ସେହିପରି କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ଜିଏସ୍‌ଟି ହ୍ରାସ କୃଷକଙ୍କ ଆର୍ଥିକ ବୋଝ କମାଇବ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୪।୯(ମହାଭାରତ):** ଜିଏସଟି ସଂସ୍କାର ଉପରେ ନୂଆଦିଲ୍ଲୀରେ ପ୍ରେସ କନ୍‌ଫରେନ୍ସରେ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବକ୍ତବ୍ୟ ରଖିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ "୨୦୪୭ ସୁଦ୍ଧା ବିକଶିତ ଭାରତ" ପରିକଳ୍ପନାକୁ ସାକାର କରିବା ଲାଗି ଦେଶର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି ।

ଏହି ଲକ୍ଷ୍ୟ ହାସଲ ଲାଗି ଆମ ଦେଶରେ ପ୍ରଚଳିତ କର ପ୍ରଶାସନରେ ବ୍ୟାପକ ସଂସ୍କାର ଆବଶ୍ୟକ । ସାଧାରଣ ଜନତାଙ୍କ ଉପରୁ ଟିକସ ବୋଝ ହ୍ରାସ କରିବା ଲାଗି ଆଜିର ବୈଠକରେ ବ୍ୟାପକ ଆଲୋଚନା ପରେ ଅନେକ ଦ୍ରବ୍ୟ ଓ ସେବା ଉପରୁ ଜିଏସଟି ହାର କମାଇବା ଓ କେତେକ ଦ୍ରବ୍ୟ ଓ ସେବାକୁ କର ମୁକ୍ତ କରିବା ପରି ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି ।ଜିଏସଟିର ଏହି ଐତିହାସିକ ସଂସ୍କାର, ଏକ ମୁକ୍ତ ଏବଂ ସ୍ୱଚ୍ଛ ଅର୍ଥନୀତି ସୃଷ୍ଟି କରିବ, ଅନୁପାଳନ ବୋଝ ହ୍ରାସ କରିବ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଉପକୃତ କରିବ ଏବଂ ଦେଶରେ ବାଣିଜ୍ୟ ବ୍ୟବସାୟକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।ସ୍ୱାସ୍ଥ୍ୟ ଓ ଜୀବନ ବୀମା ଜନିତ ସେବା ଉପରୁ କର ଆଦାୟ ନକରିବାର ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହା ମଧ୍ୟବିତ୍ତ ଓ ନିମ୍ନ ଆୟକାରୀ ପରିବାରମାନଙ୍କୁ ବୀମାଭୁକ୍ତ ହେବା ନିମନ୍ତେ ଉତ୍ସାହିତ କରିବ ।କେନ୍ଦୁପତ୍ର ଉପରୁ ଜିଏସଟି ହ୍ରାସ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବା ଆମ ରାଜ୍ୟ ତଥା ଦେଶର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଏକ ଆନନ୍ଦର ବିଷୟ । ଏହା ଦ୍ୱାରା କେନ୍ଦୁପତ୍ରର ବିକ୍ରି ବଢ଼ିବ ଓ କେନ୍ଦୁପତ୍ର ତୋଳାଳିଙ୍କ ଉପାର୍ଜନ ବଢ଼ିବା ସହ ସେମାନେ ଉଚିତ ମୂଲ୍ୟ ପାଇବେ । ଏହା ଦ୍ୱାରା ରାଜ୍ୟର ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା କେନ୍ଦୁପତ୍ର ତୋଳାଳିମାନେ, କେନ୍ଦୁପତ୍ର କିଣୁଥିବା ସରକାରୀ ସଂସ୍ଥାମାନଙ୍କ ପାଖରୁ ସଠିକ ସମୟରେ ସଠିକ ମୂଲ୍ୟ ପାଇ ପାରିବେ ।

ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ଅଟେ । ବିଭିନ୍ନ କୃଷି ପ୍ରକରଣ ଯଥା ଔଷଧ ସିଂଚନକାରୀ ଯନ୍ତ୍ର, ଯନ୍ତ୍ରପାତି , ଟ୍ରାକ୍ଟର ଓ ଏହାର ଅମଳ କାମରେ ଲାଗୁଥିବା ଯନ୍ତ୍ର, ଟାୟାର ତଥା ସାର ପାଇଁ ବ୍ୟବହୃତ କଂଚାମାଲ ଉପରୁ ଜିଏସଟି ହ୍ରାସ ନିମନ୍ତେ ପଦକ୍ଷେପ, କୃଷକମାନଙ୍କ ଆର୍ଥିକ ବୋଝକୁ କମାଇବା ସହ କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚ କମାଇବ । ଏହା ଗ୍ରାମୀଣ ଲୋକଙ୍କ ଆୟ ବଢାଇବ ଓ ଜାତୀୟ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବ ।ପାନ ମସଲା, ବିଡି, ଓ ତମାଖୁଜାତ ଦ୍ରବ୍ୟକୁ ଛାଡି ଅନ୍ୟ ସବୁ ଦ୍ରବ୍ୟ ଉପରୁ କ୍ଷତିପୂରଣ ସେସକୁ ୨୨ ସେପ୍ଟେମ୍ବର, ୨୦୨୫ ତାରିଖରୁ ଉଠାଇ ଦିଆଯାଉଛି । ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।ଅନେକ ଜୀବନ ରକ୍ଷାକାରୀ ଔଷଧ ଉପରେ କର ହ୍ରାସ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାର ମାନଙ୍କ ଉପଯୁକ୍ତ ଚିକିତ୍ସାରେ ସହାୟକ ହେବ ।

# ମୋଷ୍ଟ ୱାଣ୍ଟେଡକୁ ଧରିବାକୁ ଭୁବନେଶ୍ୱରରେ ଆସାମ ପୋଲିସ

**ଭୁବନେଶ୍ୱର,୪।୯(ମହାଭାରତ):** ରାଜଧାନୀରେ ଆସାମ ପୋଲିସ। ଇନଫୋସିଟି ଅଂଚଳରେ ଥିବା ସୁଭଦ୍ରା ଆପାର୍ଟମେଣ୍ଟରେ ରହୁଥିବା ମୋଷ୍ଟୱାଣ୍ଟେଡ ସମୀର ପଟ୍ଟନାୟକକୁ ଧରିବାକୁ କମିଶନରେଟ ପୋଲିସ ସହାୟତରେ ଛାପା ମାରିଥିଲା ଆସାମ ପୋଲିସ। ଆପାର୍ଟମେଣ୍ଟ ସମୀର ରହୁଥିବା ନେଇ ସୂଚନା ପାଇଥିଲା ଆସାମ ପୋଲିସ। ୩ ଘଣ୍ଟା ଧରି ଘର ଲକ୍ ଭାଙ୍ଗି ପଶିଥିଲେ ପୋଲିସ। ହେଲେ ସମୀରକୁ ପାଇନଥିଲା। ଚଢ଼ାଉ ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ ହୋଇଛି। ଘୁନାଥପୁର ଅଞ୍ଚଳରେ ଅଭିଯୁକ୍ତର ମାଲିକାନାରେ ଥିବା ଏକ ବିବାହ ମଣ୍ଡପରେ ମଧ ରେଡ଼ ହୋଇଛି।

# ଓଡ଼ିଶା ସମେତ ଦେଶବାସୀଙ୍କୁ ମୋଦୀଙ୍କ ଦଶହରା ଓ ଦୀପାବଳି ଉପହାର : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର,୪।୯(ମହାଭାରତ):** ଜିଏସଟି ପରିଷଦ ବୈଠକରେ ହୋଇଥିବା ଐତିହାସିକ ନିଷ୍ପତି ଦ୍ୱାରା ସାଧାରଣ ବର୍ଗର ଲୋକମାନଙ୍କର ଆକାଂକ୍ଷା ପୂରା ହେବ ଏବଂ ସମାଜରେ ଆର୍ଥିକ ଆତ୍ମବିଶ୍ୱାସ ବଢ଼ିବ ବୋଲି ଆଜି ନୂଆଦିଲ୍ଲୀ ଠାରେ ଏ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମତପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତକାଲି ୫୬ତମ ଜିଏସଟି ପରିଷଦ ବୈଠକରେ ୫% ଓ ୧୮% ସ୍ଲାବ ଢାଂଚାରେ ନେଇ ଯେଉଁ ନିଷ୍ପତି ହୋଇଛି, ତାହା ପ୍ରଶଂସନୀୟ ଏବଂ ସ୍ୱାଗତଯୋଗ୍ୟ । ଏହି ନିଷ୍ପତି ଦ୍ୱାରା ଦୈନନ୍ଦିନ ବ୍ୟବହାର ଯୋଗ୍ୟ ସାମଗ୍ରୀ ଶସ୍ତା ହେବ । ସ୍କୁଲ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଦେଶର ଗରିବ ଓ ସମାଜର ମଧ୍ୟମ ବର୍ଗର ନାଗରିକ, କୃଷକ, ଏମଏସଏମଇ, ମଧ୍ୟବିତ୍ତ, ମହିଳା ଏବଂ ଯୁବକମାନେ ଲାଭବାନ ହେବେ । ଏହି ପଦକ୍ଷେପ ଓଡ଼ିଶା ସମେତ ଦେଶବାସୀଙ୍କୁ ମୋଦୀ ସରକାରଙ୍କ ଦଶହରା ଓ ଦୀପାବଳି ଉପହାର । ଏହି ନିର୍ଣ୍ଣୟ ଭାରତରେ ଅର୍ଥନୀତିରେ ବଡ ପ୍ରୋତ୍ସାହନ ହେବ । ବଜାରକୁ ସର୍କୁଲାର ଅର୍ଥନୀତି ଆସିବ । ଲୋକମାନଙ୍କ କ୍ରୟ ଶକ୍ତି ବଢିବା, ଯାହା ଦ୍ୱାରା ଉତ୍ପାଦନ ବଢିବ ଏବଂ କଂଚାମାଲର ବ୍ୟବହାର ବଢିବ । ପ୍ରକ୍ରିୟାରେ ସଂସ୍କାର ଓ ଜିଏସଟି ହାରରେ ସରଳୀକରଣ ପ୍ରମୁଖ ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଓ ସହଜ ଜୀବନଯାପନର ଏକ ନୂଆ ଯୁଗ ଆରମ୍ଭ କରିବ। ପରବର୍ତ୍ତୀ ପିଢିର ଜିଏସଟି ସଂସ୍କାର ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ


# ଏଥର ପୂଜା ମେଲୋଡିରେ ଅଶ୍ଳୀଳ ନୃତ୍ୟ ମନା

**ଭୁବନେଶ୍ୱର,୪।୯ (ମହାଭାରତ):** ଏଥର ପୂଜା ମେଲୋଡିରେ ଅଶୀଳ ନୃତ୍ୟ ମନା । ପୂଜାକୁ ନେଇ ବିଏମସିର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ପୂଜାରେ ପାର୍କିଂକୁ ଗୁରୁତ୍ୱ ଦିଆଯାଇଛି। ପାର୍କିଂ ନଥିଲେ ମିନା ବଜାର ପଡିବନି କି ମିଳିବନି ରାବଣ ପୋଡି ପାଇଁ ଅନୁମତି । ପ୍ଲାଷ୍ଟିକ ମୁକ୍ତ ହେବ ପୂଜା। ମୁଖ୍ୟ ରାସ୍ତାରେ ତୋରଣ ଲଗେଇ ପାରିବେ ନାହିଁ ପୂଜା କମିଟି । ସବୁ ଭଷାଣି ସ୍ଥାନରେ ଖୋଲିବ କଂଟ୍ରୋଲ ରୁମ,ରଖାଯିବ ଆମ୍ବୁଲାନ୍ସ ବୋଲି ବିଏମସି ପକ୍ଷରୁ ସୂଚନା ଦିଆଯାଇଛି। ପୂଜା ପେଣ୍ଡାଲରେ ନିଶାକୁ ମନାର ସଚେତନତା ବାର୍ତ୍ତା ବାଂଟିବ ପୋଲିସ । ପୂଜା ପୂର୍ବରୁ ବିଦ୍ୟୁତ ଖୁଂଟ ଓ ତାର ମରାମତିକୁ ଗୁରୁତ୍ୱ ଦିଆଯାଇଛି । ରାସ୍ତା ଖରାପ ନେଇ ପିଡବ୍ଲୁଡିର ବିଭାଗୀୟ ଅଧିକାରୀଙ୍କୁ କମିଶନର ତାଗିଦ କରିଛନ୍ତି । ପୂଜା ପୂର୍ବରୁ ସବୁ ରାସ୍ତା ମରାମତି କାମ ସାରିବା ନେଇ ଡେଡ୍ ଲାଇନ ଦିଆଯାଇଛି ।

# ଏନ୍‌ଆଇଆରଏଫ ର୍‌ୟାଙ୍କିଙ୍ଗ : ଆଇଆଇଟି ମାଡ୍ରାସ ଦେଶରେ ଏକ ନମ୍ବର

**ନୂଆଦିଲ୍ଲୀ,୪।୯(ମହାଭାରତ):** ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଜି ନ୍ୟାଶନାଲ ଇନଷ୍ଟିଚ୍ୟୁସନାଲ ରାଙ୍କିଙ୍ଗ ଫ୍ରେମୱାର୍କ (ଏନ୍‌ଆଇଆରଏଫ ର୍‌ୟାଙ୍କିଙ୍ଗ ୨୦୨୫) ଜାରି କରାଯାଇଛି। ଏହା ଭାରତୀୟ ଉଚ୍ଚ ଶିକ୍ଷା ରାଙ୍କିଙ୍ଗର ୧୦ମ ସଂସ୍କରଣ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତ ମଣ୍ଡପମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାକୁ ସାର୍ବଜନୀନ କରିଛନ୍ତି।

ଚଳିତ ବର୍ଷ ଏନଆଇଆରଏଫ ୧୭ଟି ବର୍ଗରେ ଶିକ୍ଷାନୁଷ୍ଠାନର ପ୍ରଦର୍ଶନକୁ ବିଚାର କରି ରାଙ୍କିଙ୍ଗ ଜାରି କରିଛି। ଓଭରଅଲ, ବିଶ୍ୱବିଦ୍ୟାଳୟ, କଲେଜଜ, ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫାର୍ମାସୀ, ମେଡିକାଲ, ଡେଣ୍ଟାଲ, ଆଇନ, ଆର୍କିଟେକଚର ଓ ପ୍ଲାନିଂ, କୃଷି, ଇନୋଭେସନ, ଓପନ ୟୁନିଭର୍ସିଟି, ସ୍କିଲ ୟୁନିଭର୍ସିଟି, ଷ୍ଟେଟ ପବ୍ଲିକ ୟୁନିଭର୍ସିଟି ଭଳି ବର୍ଗରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ରାଙ୍କିଙ୍ଗରେ ସାମିଲ କରାଯାଇଛି। ଏହି ବର୍ଷର ରାଙ୍କିଂରେ ସ୍ଥାନ ପାଇଥିବା ସମସ୍ତ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଏନଆଇଆରଏଫ୍ ଆଜି ଏକ ଜାତୀୟ ବେଞ୍ଚମାର୍କରେ ପରିଣତ ହୋଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଆମର ଉଚ୍ଚ ଶିକ୍ଷାନୁଗୁଡ଼ିକର ବିକାଶ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରିଛି, ଯେଉଁଥିରେ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକର ମାନ୍ୟତାକୁ ଉନ୍ନତ କରିବାର ଯୋଜନା ମଧ ସାମିଲ ଅଛି। ଏନଆଇଆରଏଫ ଭାରତକୁ ଏକ ଜ୍ଞାନ ମହାଶକ୍ତିରେ ପରିଣତ କରିବା ପାଇଁ ଆମର ଯାତ୍ରାରେ ଏକ ବିଶ୍ୱସ୍ତ ସ୍ତମ୍ଭ ଭାବରେ ଉଭା ହୋଇଛି ।ଆମକୁ ଆମର ଆକ୍ରିଡେସନ ଢାଞ୍ଚାରେ ଉଚ୍ଚ ବେଞ୍ଚମାର୍କ ସ୍ଥାପନ କରିବାକୁ ପଡ଼ିବ ଏନଆଇଆରଏଫ୍ ସର୍ବୋତ୍ତମ ମାନ୍ୟତା ଢାଞ୍ଚା ମଧ୍ୟରୁ ଗୋଟିଏ ଭାବରେ ବିକଶିତ ହେବ ଅଧିକ ତଥ୍ୟ ଚାଳିତ ଆଭିମୁଖ୍ୟ ସହ ଆହୁରି ଅଧିକ ରାଙ୍କିଂ ପାରାମିଟର, ବର୍ଗ ଏବଂ ଅଧିକ ପ୍ରତିଷ୍ଠାନ ସହିତ ଯୋଡିହେବ।



ଓଭରଅଲ ବା ମୋଟ ଉପରେ ଆଇଆଇଟି ମାଡ୍ରାସ ଏନ୍‌ଆଇଆରଏଫ ର୍‌ୟାଙ୍କିଙ୍ଗ ୨୦୨୫ରେ ପୁଣି ଦେଶରେ ୧ନଂ ସ୍ଥାନ ଦଖଲ କରିଛି। ଏହାକୁ ମିଶାଇ ୭ମ ଥର ପାଇଁ ଆଇଆଇଟି ମାଡ୍ରାସ ୧ନଂ ସ୍ଥାନରେ ରହିବାକୁ ସକ୍ଷମ ହୋଇଛି। ଏହି ବର୍ଗର ଦ୍ୱିତୀୟ ସ୍ଥାନରେ ଆଇଆଇଏସ୍ ବେଙ୍ଗାଲୁରୁ ଓ ତୃତୀୟରେ ଆଇଆଇଟି ବମ୍ବେ ରହିଛି। ଟପ ୯ରେ ଜେଏନୟୁ ରହିଥିବା ବେଳେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୧୦ ନମ୍ବରେ ଅଛି। ମ୍ୟାନେଜମେଣ୍ଟ ବର୍ଗରେ ପୁଣିଥରେ ବାଜିମାରିଛି ଆଇଆଇଏମ ଅହମଦାବାଦ। ଦେଶର ସର୍ବଶ୍ରେଷ୍ଠ ବ୍ୟବସାୟିକ ଶିକ୍ଷାନୁଷ୍ଠାନର ମାନ୍ୟତା ଆଇଆଇଏମ ଅହମଦାବାଦକୁ ମିଳିଛି। ଦ୍ୱିତୀୟରେ ଆଇଆଇଏମ ବେଙ୍ଗାଲୁରୁ ରହିଥିବା ବେଳେ ତୃତୀୟରେ ରହିଛି ଆଇଆଇଏମ କୋଝିକୋଡ ।ଆର୍କିଟେକଚର ଓ ପ୍ଲାନିଂ ବର୍ଗରେ ଆଇଆଇଟି ରୁରକୀ ୧ନଂରେ, ଏନଆଇଟି କଲିକଟ ଦ୍ୱିତୀୟ ଓ ଆଇଆଇଟି ଖଡଗଡପୁର ତୃତୀୟ ସ୍ଥାନରେ ରହିଛି। ଏହି ବର୍ଗର ୫ମ ସ୍ଥାନରେ ଜାମିଆ ମିଲିଆ ଇସଲାମିଆ ମଧ ଅଛି।


ବିଶ୍ୱବିଦ୍ୟାଳୟ ବର୍ଗରେ ଆଇଆଇଏସ୍ ବେଙ୍ଗାଲୁରୁର ଦବାଦବା ଦେଖିବାକୁ ମିଳିଛି। ଆଇଆଇଏସ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ ବର୍ଗର ୧ନଂରେ ରହିଥିବା ବେଳେ ଦିଲ୍ଲୀର ଜେଏନ୍ୟୁ ଦ୍ୱିତୀୟ, ମନିପାଲ ଏକାଡେମୀ ଅଫ ହାଇଅର ଏଡୁକେସନ ତୃତୀୟ, ଜାମିଆ ମିଲିଆ ଇସଲାମିଆ ୪ର୍ଥ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ୫ମରେ ରହିଛି। ଷ୍ଟେଟ ପବ୍ଲିକ ବିଶ୍ୱବିଦ୍ୟାଳୟ ରାଙ୍କିଙ୍ଗର ୧ନଂ ସ୍ଥାନ ଦଖଲ କରିଛି କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟ ।ଫାର୍ମାସୀ ଶିକ୍ଷାନୁଷ୍ଠାନ ଗୁଡିକ ମଧ୍ୟରେ ନୂଆଦିଲ୍ଲୀର ଜାମିଆ ହମଦରଦ ୧ନଂରେ ରହିଥିବା ବେଳେ ଦ୍ୱିତୀୟରେ ବର୍ଲା ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ଓ ସାଇନ୍ସ ରହିଛି। ଚଣ୍ଡିଗଡର ପଞ୍ଜାବ ବିଶ୍ୱବିଦ୍ୟାଳୟ ଏହି ତାଲିକାରେ ତୃତୀୟ ସ୍ଥାନରେ ଅଛି ।ଶ୍ରେଷ୍ଠ କଲେଜଗୁଡିକ ତାଲିକାର ୧ନଂରେ ହିନ୍ଦୁ କଲେଜ, ଦ୍ୱିତୀୟରେ ମିରାଣ୍ଡା ହାଉସ ଓ ତୃତୀୟରେ ହଂସ ରାଜ କଲେଜ ରହିଛି।


# ହୀରାକୁଦ ଜଳଭଣ୍ଡାରର ୧୬ ଗେଟ୍ ଖୋଲିଲା

**ସମ୍ବଲପୁର/କଟକ, ୪।୯(ମହାଭାରତ):** ହୀରାକୁଦ ଜଳଭଣ୍ଡାରକୁ ମହାନଦୀର ଉପରମୁଣ୍ଡରୁ ବନ୍ୟାଜଳ ପ୍ରବେଶ କରୁଛି । ହୀରାକୁଦ ଜଳଭଣ୍ଡାରର ସ୍ଥିତିକୁ ନଜର ରଖି ଆଜି ଅପରାହ୍ଣରେ ପୁଣି ଦୁଇଟି ଗେଟ୍ ଖୋଲି ଦିଆଯାଇଛି । ହୀରାକୁଦ ଜଳଭଣ୍ଡାର ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି ।

ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରରେ ଧୀରେଧୀରେ ଜଳସ୍ତର ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ କ୍ରମାଗତ ଭାବେ ପର୍ଯ୍ୟାୟ କ୍ରମେ ଗେଟ୍‌ଗୁଡିକ ଖୋଲାଯାଉଛି । ଏହି କ୍ରମରେ ଆଜି ଅପରାହ୍ନରେ ପୁଣି ୨ଟି ଗେଟ୍ ଖୋଲି ଦିଆଯାଇଛି । ପୂର୍ବରୁ ୧୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି । ତେବେ ବର୍ତ୍ତମାନ ସମୟରେ ମୋଟ୍ ୧୬ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି ।

ଆବଶ୍ୟକ ହେଲେ ଆହୁରି ଗେଟ୍ ଖୋଲା ଯାଇପାରେ । ହୀରାକୁଦ ଜଳଭଣ୍ଡାରରେ ଧୀରେଧୀରେ ଜଳସ୍ତର ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ କ୍ରମାଗତ ଭାବେ ପର୍ଯ୍ୟାୟ କ୍ରମେ ଗେଟ୍‌ଗୁଡିକ ଖୋଲାଯାଉଛି । ଏହି କ୍ରମରେ ଆଜି ଅପରାହ୍ଣରେ ପୁଣି ୨ଟି ଗେଟ୍ ଖୋଲି ଦିଆଯାଇଛି । ପୂର୍ବରୁ ୧୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି । ଅନ୍ୟପଟରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ୧୬ଟି ଗେଟ୍ ଖୋଲାଯାଇ ଥିବାରୁ ମହାନଦୀରେ ବନ୍ୟା ଜଳସ୍ତର ବଢ଼ିବାର ଆଶଙ୍କା ରହିଛି । ଫଳରେ ହୀରାକୁଦ ଡ୍ୟାମର ତଳମୁଣ୍ଡରେ ଥିବା ନଦୀ ଶଯ୍ୟା ଅଞ୍ଚଳରେ ବନ୍ୟା ଆସିବାର ଆଶଙ୍କା ରହିଛି । ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ନଦୀ ଶଯ୍ୟାଠାରୁ ଦୂରେଇ ରହିବା ସହିତ ସମସ୍ତ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି ।



## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ସରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ୱା ସସ୍ ସହିତ ପରଷନ୍ତୁ ।



..... ପରଦା ଖବର ......

# ଦ୍ୱିତୀୟ ଥର ପାଇଁ ମା' ହେଲେ ଅଭିନେତ୍ରୀ ଗୌହର ଖାନ

ଅଭିନେତ୍ରୀ ଗୌହର ଖାନଙ୍କ ଘରୁ ଆସିଲେ କୁନି ଅତିଥି । ଦ୍ୱିତୀୟ ଥର ପାଇଁ ମା' ହେଲେ ଗୌହର ଖାନ୍ । ଗୌହର ଏବଂ ଇନଫ୍ଲୁଏନ୍ସର ଜେଦ ଦରବାର ପୁଣି ଥରେ ମାତାପିତା ହୋଇଛନ୍ତି । ଏହି ଦମ୍ପତି ପୂର୍ବରୁ ଏକ ପୁଅର ପିତାମାତା ଥିଲେ ଏବଂ ଏବେ ସେମାନେ ଦ୍ୱିତୀୟ ଥର ପାଇଁ ଶିଶୁପୁତ୍ରର ପିତାମାତା ହୋଇଛନ୍ତି । ଇନଷ୍ଟାଗ୍ରାମରେ ଦୁହେଁ ମିଳିତ ପୋଷ୍ଟ କରି ପ୍ରଶଂସକମାନଙ୍କୁ ଏହି ଖୁସି ଖବର ଦେଇଛନ୍ତି ।ଗୌହର ଏବଂ ଜୈଦ ସେପ୍ଟେମ୍ବର ୧ ତାରିଖରେ ସେମାନଙ୍କର ଦ୍ୱିତୀୟ ପୁତ୍ରକୁ ସ୍ୱାଗତ କରିଛନ୍ତି। ଖୁସି ଖବର ସେୟାର କରି ଦୁହେଁ ଲେଖିଛନ୍ତି, ବିସମିଲ୍ଲାହ ହିର ରହମାନ ନୀର ରହିମ ଜେହାନ । ୧



ସେପ୍ଟେମ୍ବର ୨୦୨୫ ରେ ଜନ୍ମ ହୋଇଥିବା ଛୋଟ ଭାଇ ସହିତ ତାଙ୍କ ଦୁନିଆ ବାଣ୍ଟିବାକୁ ନେଇ ଜେହାନ ବହୁତ ଖୁସି । ଆମ ପରିବାର ପାଇଁ ସମସ୍ତଙ୍କ ନିରନ୍ତର ଭଲପାଇବା ଏବଂ ଆଶୀର୍ବାଦ କାମନା କରୁଛନ୍ତି ।ଏମାନଙ୍କ ପୋଷ୍ଟ ଦେଖି ଇଣ୍ଡଷ୍ଟିର ବନ୍ଧୁମାନେ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଗାୟିକା ନୀତି ମୋହନ ଶୁଭେଚ୍ଛା ଜଣାଇଛନ୍ତି । ଏପ୍ରିଲ ୧୦, ୨୦୨୫ରେ ଗେହର ଏବଂ ଜେଦ୍ ଏକ ଭିଡିଓ ସେୟାର କରି ପୁଣି ଥରେ ମାତାପିତା ହେବାକୁ ଯାଉଥିବା ବିଷୟରେ ଘୋଷଣା କରିଥିଲେ । ପୂର୍ବରୁ ମେ' ୨୦୨୩ରେ ପ୍ରଥମ ଥର ପାଇଁ ମା' ବନିଥିଲେ ଗେହର ।ସୂଚନାଯୋଗ୍ୟ, ଗୌହର ଏବଂ ଜୈଦ ଦରବାର ୨୦୨୦ ମସିହାରେ ବିବାହ କରିଥିଲେ । ବିବାହର ତିନି ବର୍ଷ ପରେ ୨୦୨୩ ମସିହାରେ ବଡ଼ ପୁଅ ଜେହାନଙ୍କୁ ସ୍ୱାଗତ କରିଥିଲେ ।

## ପେଟ ସମସ୍ୟା ଦୂର କରେ ଅମୃତଭଣ୍ଡା



ମେଦବହୁଳତା ଆଜିକାଲି ଅନେକ ଲୋକଙ୍କ ସମସ୍ୟା ପାଲଟିଗଲାଣି । ତା ସାଙ୍ଗକୁ ପୁଣି ଏହି ପେଟ ସମସ୍ୟା । ଏହି ସବୁ ସମସ୍ୟା ଦୂର କରିବାକୁ ସକାଳ ସମୟରେ ଅମୃତଭଣ୍ଡା ଖାଆନ୍ତୁ,ସେବନ କରନ୍ତୁ ଘି କୁଆଁରି । ପୂରାଦିନ ପରିପୂର୍ଣ୍ଣ ରହିବା ପାଇଁ ଆମକୁ ସକାଳ ସମୟରେ ଠିକ ଭାବେ ଭରପୁର ପ୍ରୋଟିନ ଥିବା ଖାଦ୍ୟ ଖାଇବା ଆବଶ୍ୟକ । କିନ୍ତୁ ସକାଳ ସମୟରେ କେଉଁ ଖାଦ୍ୟ ଖାଇଲେ ଆମ ଶରୀର ସୁସ୍ଥ ରହିବ ତାହା ଅନେକ ସମୟରେ ମନରେ ଆସେ । କିନ୍ତୁ ସକାଳ ସମୟରେ ଅମୃତଭଣ୍ଡା, ଘି କୁଆଁରୀ ଶରୀରକୁ ସୁସ୍ଥ ରଖିଥାଏ । ଅମୃତଭଣ୍ଡାରେ ଫାଇଭର ଭରପୁର ରହିଥାଏ । ଯାହା ଶରୀରର ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ଏହା ସହ ଅମୃତଭଣ୍ଡା କଲେଷ୍ଟ୍ରଲ କମ କରିବା ସହ ପେଟ ସଫା ରଖିବାରେ ସହାୟକ ହୋଇଥାଏ । କିଛି ଲୋକଙ୍କ ପେଟ ସମସ୍ୟା ଦେଖାଦେଉଥିଲେ ସେମାନେ ସକାଳେ ଖାଲି ପେଟରେ ଘି କୁଆଁରି ସେବନ କରନ୍ତୁ । ଯାହା ପେଟକୁ ବିଷାକ୍ତ ପଦାର୍ଥ ବାହାର କରି ନିର୍ମଳ ରଖିଥାଏ ।

# ସ୍ୱପ୍ନଶାସ୍ତ୍ର ଅନୁଯାୟୀ ପୂର୍ବପୁରୁଷ ସ୍ୱପ୍ନରେ ଦେଖାଦେଲେ ମିଳିଥାଏ ସୁଫଳ

ସ୍ୱପ୍ନକୁ ଆମ ଜୀବନର ଏକ ଅଂଶ ବୋଲି କୁହାଯାଏ। ଲୋକେ ରାତିରେ ଶୋଇବା ସମୟରେ ଅଧିକାଂଶ ସ୍ୱପ୍ନ ଦେଖିଥାଆନ୍ତି। ସ୍ୱପ୍ନ ଶାସ୍ତ୍ରରେ ପ୍ରତ୍ୟେକ ସ୍ୱପ୍ନର ଅର୍ଥ ବିଷୟରେ ବର୍ଣ୍ଣନା କରାଯାଇଛି। ଯାହା ଦ୍ୱାରା ବ୍ୟକ୍ତିଙ୍କ ଜୀବନ ମଧ୍ୟ ପ୍ରଭାବିତ ହୋଇଥାଏ। ଏଭଳି ମଧ୍ୟ କୁହାଯାଏ ସ୍ୱପ୍ନ ଦ୍ୱାରା ଭବିଷ୍ୟତରେ ଆସୁଥିବା ସମସ୍ୟା ବିଷୟରେ ମଧ୍ୟ ଅନୁମାନ କରି ହୁଏ ବୋଲି କୁହାଯାଏ। ସ୍ୱପ୍ନ ଶାସ୍ତ୍ର ଅନୁଯାୟୀ ସ୍ୱପ୍ନରେ ପିତୃପୁରୁଷଙ୍କ ଦେଖିବା କିଛି ସ୍ୱତନ୍ତ୍ର ଅର୍ଥ ରହିଛି।

- ଯଦି ଆପଣ ସ୍ୱପ୍ନରେ ଆପଣଙ୍କ ପିତୃପୁରୁଷଙ୍କୁ ହସୁଥିବାର ଦେଖୁଛନ୍ତି, ତେବେ ଜାଣିବେ ଏହାର ଅର୍ଥ ଆପଣଙ୍କୁ ଶୁଭଫଳ ପ୍ରାପ୍ତି ହେବ। ପୂର୍ବପୁରୁଷଙ୍କ କୃପା ଆପଣଙ୍କ ଉପରେ ରହିବା ସହ



ସୁଖସମୃଦ୍ଧି ମଧ୍ୟ ପ୍ରାପ୍ତି ହୋଇଥାଏ। ଆପଣଙ୍କ ଉପରେ ସେ ପ୍ରସନ୍ନ ରହିଛନ୍ତି ବୋଲି କୁହାଯାଏ।

- ସ୍ୱପ୍ନରେ ଯଦି ପୂର୍ବପୁରୁଷ ଆପଣଙ୍କ ସହ କଥା ହେଉଥିବାର ଦେଖୁଛନ୍ତି, ତେବେ ଏହାର ଅର୍ଥ ସେ ଆପଣଙ୍କ ଭବିଷ୍ୟତରେ ଘଟିବାକୁ ଯାଉଥିବା କିଛି ଘଟଣା ବିଷୟରେ ଆପଣଙ୍କୁ ଅବଗତ କରିବା ସହ ଏଥିରୁ ରକ୍ଷା ପାଇବାକୁ ପୂର୍ବ ସୂଚନା ଦେଉଛନ୍ତି।
- ସ୍ୱପ୍ନରେ ଯଦି ପୂର୍ବପୁରୁଷ ଆପଣଙ୍କ ଉପରେ କ୍ରୋଧ କରିବା ଦେଖୁଛନ୍ତି ।ତେବେ ଏହାର ଅର୍ଥ ସେ ଆପଣଙ୍କ ଉପରେ ପ୍ରସନ୍ତ ନାହାନ୍ତି। ଯେଉଁ ଘରେ ପିତୃଦୋଷ ଥାଏ ସେହି ଘରେ ଏଭଳି ସ୍ୱପ୍ନ ଅଧିକ ଆସିଥାଏ ବୋଲି ମଧ୍ୟ କୁହାଯାଏ।
- ସ୍ୱପ୍ନରେ ପୂର୍ବପୁରୁଷ ଯଦି ଆପଣଙ୍କ ମୁଣ୍ଡର କେଶକୁ ସଜାଜୁଛନ୍ତି ଅଥବା କେଶ ସହ ଜଡ଼ିତ କୌଣସି କାର୍ଯ୍ୟ ଦେଖୁଛନ୍ତି ତେବେ ଏହାର ଅର୍ଥ ତାଙ୍କ ଆଶୀର୍ବାଦ ଆପଣଙ୍କ ଉପରେ ରହିଛିୟ ଏହାସହ ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ।
- ସପ୍ନରେ ଯଦି ଆପଣ ପୂର୍ବପୁରୁଷଙ୍କୁ ମିଠା ବାଣ୍ଟୁଥିବା , ମିଠା ଖାଉଥିବା କିମ୍ୱା ଆପଣଙ୍କୁ ମିଠା ଖୁଆଉଥିବା ଦେଖିଲେ, ତେବେ ଏହା ମାଙ୍ଗଳିକ ଓ ଶୁଭ କାର୍ଯ୍ୟର ସୂଚନା ଦେଇଥାଏ ଅଥବା ଆଣିଥାଏ। ବିଶେଷ କରି ଘରେ ବିବାହ ଓ ସନ୍ତାନ ଆସିବା ପୂର୍ବରୁ ଏଭଳି ସ୍ୱପ୍ନ ଦେଖାଯାଏ।

# କ'ଣ କଲେ ପରିବାର ସଦସ୍ୟଙ୍କ ମଧ୍ୟରେ ବଜାୟ ରହେ ମଧୁରତା

ଅନେକଙ୍କ ଘରେ କିଛି ନା କିଛି କାରଣରୁ ହେଉ ଅଥବା କଥାକୁ ନେଇ ଅଧିକାଂଶ ସମୟରେ କଳହ ହେଉଥିବା ଦେଖାଯାଏ। ଯାହା ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ସଭିଏଁ ଇଚ୍ଛା କରିଥାଆନ୍ତି ତାଙ୍କ ଘରେ ସର୍ବଦା ହସଖୁସିର ବାତାବରଣ ରହୁ। ସଦସ୍ୟଙ୍କ ମଧ୍ୟରେ ମଧୁର ସମ୍ପର୍କ ରହୁୟ ଜାଣନ୍ତୁ ୫ଟି ସରଳ ଓ ସହଜ ଉପାୟ ଯାହା ପରିବାର ସଦସ୍ୟଙ୍କ ମଧ୍ୟରେ ଶାନ୍ତି ଓ ଭଲପାଇବା ବୃଦ୍ଧି କରିଥାଏ।



୧- ଘରର ବାତାବରଣକୁ ଶନ୍ତିମୟ କରିବା ପାଇଁ ୧ କପ ଖିରରେ କିଛି ମିଠା ମିଶାଇ ବରଗଛ ମୂଳରେ ପ୍ରତିଦିନ ଅର୍ପଣ କରନ୍ତୁ। ସେହି ସ୍ଥାନର କିଛି ମାଟି ନେଇ ମଥାରେ ଲଗାନ୍ତୁ। ଏହାକୁ ସୋମବାରରୁ ଶୁକ୍ରବାର ନିୟମିତ ୪୩ ଦିନ ଯାଏଁ କରନ୍ତୁ। ଏହା ଖୁବ ଶୁଭଫଳ ପ୍ରଦାନ କରିଥାଏ।

୨- ସୂର୍ଯ୍ୟାସ୍ତ ପରେ ମଙ୍ଗଳବାର ଦିନ ଅସହାୟଙ୍କୁ ସୁଜି ହାଲଓ୍ୱା ଖାଇବାକୁ ଦିଅନ୍ତୁ।

୩- ଶୁଭ ମୂହୁର୍ତ୍ତରେ ଶ୍ରୀଯନ୍ତ୍ରକୁ ଘରକୁ ଆଣି ରଖନ୍ତୁ। ଏହାକୁ ପ୍ରତିଦିନ ଦର୍ଶନ କରନ୍ତୁ।

୪- ଗୁରୁବାର ଓ ରବିବାର ଦିନ ଗୁଡ଼ ଓ ଘିଅ ମିଶାଇ ଅଗ୍ନିରେ ସମର୍ପଣ କରନ୍ତୁ। ଏହାଦ୍ୱାରା ଘରେ କଳହ ଦୂର ହୋଇଥାଏ।

୫- ପ୍ରଭୁ ଶିବଶଙ୍କର ପୂଜା ନିୟମିତ କରନ୍ତୁ।

## ବାସ୍ତୁ ଅନୁସାରେ ଘରେ ଲଗାନ୍ତୁ ଦର୍ପଣ

ଅଫିସ ହେଉ କିମ୍ୱା ଘର,ସବୁ ସ୍ଥାନରେ ଆମେ ଦର୍ପଣ ଖୋଜିଥାଉ । ଦର୍ପଣ ବିନା ଗୃହସ୍ଥ ଜୀବନ ଅଧୁରା ବୋଲି କହିଲେ ଚଳେ । ସାଧାରଣ ଜୀବନଚଯ୍ୟାରେ ଦର୍ପଣ ଆମ



ପାଇଁ ଯେମିତି ଜରୁରୀ ଠିକ୍ ସେହିପରି ବାସ୍ତୁ ଶାସ୍ତ୍ରରେ ଏହା ଏକ ବିଶେଷ ମହତ୍ତ୍ୱ ରହିଛି । ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଠିକ୍ ଦିଗରେ ଦର୍ପଣ ନଲଗାଇଲେ,ସୁଖଶାନ୍ତି ହ୍ରାସ ପାଇଥାଏ । ତେଣୁ ଆସନ୍ତୁ ଜାଣିବା ଦର୍ପଣ କେଉଁ ଦିଗରେ ଲଗାଇବା ଉଚିତ୍ ଏବଂ କେଉଁ ଦିଗରେ ନୁହେଁ ।

■ ଦର୍ପଣ ଲଗାଇବା ସମୟରେ ଗୋଟିଏ କଥା ଉପରେ ଧ୍ୟାନ ଦିଅନ୍ତୁ,ଏହା ଯେପରି ବହୁତ ଉପରେ କିମ୍ୱା ତଳେ ନରୁହେ । ଦର୍ପଣ ଏପରି ରରହିଲେ ,ଘରର ସଦସ୍ୟଙ୍କ ମୁଣ୍ଡ ଯନ୍ତ୍ରଣା ହୋଇଥାଏ ।

■ ସେହିପରି ବେଡ ସାମ୍ନାରେ ଦର୍ପଣ ରଖନ୍ତୁ ନାହିଁ । ଏପରି କଲେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନ ମତାନ୍ତର ହୋଇଥାଏ ।

■ ଘରର ଉତ୍ତର ଦିଗରେ ଦର୍ପଣ ରହିଲେ, ଘରେ ଆର୍ଥିକ ଉନ୍ନତି ହୋଇଥାଏଳ । ସେହିପରି ଐଶାନ୍ୟ କୋଣ ଓ ପୂର୍ବ ଦିଗରେ ଦର୍ପଣ ଲଗାଇଲେ ଘରର ସଦସ୍ୟଙ୍କ ଉନ୍ନତି ସହିତ ସମାଜରେ ପ୍ରତିଷ୍ଠା ମିଳିଥାଏ।

■ ବାସ୍ତୁ ଅନୁସାରେ ଗୋଲ୍ ଆକୃତିର ଦର୍ପଣକୁ ଘରେ ରଖନ୍ତୁ ଅଶୁଭ । ବର୍ଗାକାର କିମ୍ୱା ଆୟତାକାର ଦର୍ପଣ ଘରେ ରଖିବା ଶୁଭ ।

■ ଭାଙ୍ଗି ଯାଇଥିବା ଦର୍ପଣ କିମ୍ୱା ଝାପ୍ସା ଦେଖାଯାଉଥିବା ଦର୍ପଣର ଘରେ ରରଖନ୍ତୁ ନାହିଁ । ଏହା ଦ୍ୱାରା ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ।

■ ରାତିରେ ଶୋଇବା ସମୟରେ ଦର୍ପଣରେ ଛାଇ ଦେଖାଯିବା ଅଶୁଭ । ଏହା ଦ୍ୱାରା ଗୃହସ୍ୱାମୀଙ୍କ ଦେହ ଅସୁସ୍ଥ ରହିଥାଏ ।

# ନଗରନକ୍ସା

ମହାନଗରର ନିଜ ଭାଷା

ଶୁକ୍ରବାର, ୫ ସେପ୍ଟେମ୍ବର, ୨୦୨୫


# ଦୁଗ୍ଧ ଚାଷୀଙ୍କୁ ପିଏମ୍‌ଏମ୍‌ୱାଇ ସହ ସଂଯୋଗ କର



**ଭୁବନେଶ୍ୱର,୪।୯ (ମହାଭାରତ):** ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଦୁଗ୍ଧ ଚାଷୀମାନଙ୍କୁ ପିଏମ୍‌ଏମ୍‌ୱାଇ (ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା) ସହ ଅଧିକ ସଂଖ୍ୟାରେ ସଂଯୋଗ କରିବା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ଗୁରୁତ୍ୱାରୋପ କରିଛନ୍ତି। ଚଳିତ ସେପ୍ଟେମ୍ବର ୨ ତାରିଖ ଦିନ କଟକ ଜିଲ୍ଲାର ଗୋବିନ୍ଦପୁର, ଅରିଲୋସ୍ଥିତ ଓମ୍‌ଫେଡ୍ ମେଗା ଡାଇରୀ ପ୍ଲାଂଟ ପରିଦର୍ଶନ ସମୟରେ ରାଜ୍ୟପାଳ ଏପରି ଗୁରୁତ୍ୱାରୋପ କରିଛନ୍ତି। ଦୁଗ୍ଧ ଚାଷୀମାନେ ସେମାନଙ୍କ ଉଦ୍ୟମକୁ ବ୍ୟାପକ କରିବା ନିମନ୍ତେ ବ୍ୟାଙ୍କ ଋଣର ଆବଶ୍ୟକତା ରହିଛି। ଏଣୁ ବ୍ୟାଙ୍କମାନଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷା କରି ଦୁଗ୍ଧ ଚାଷୀଙ୍କୁ ଋଣ ପ୍ରଦାନ ସୁନିଶ୍ଚିତ କରିବା ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ଚାଷୀମାନଙ୍କୁ ସହାୟତା ଯୋଗଇବାର ପଦ୍ଧତି ସଂପର୍କରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ, କେତେକ ଚାଷୀ ଯୋଜନାର ସବସିଡି ପାଇଁ ଆବଶ୍ୟକୀୟ ବ୍ୟକ୍ତିଗତ ଅବଦାନ ପ୍ରଦାନ କରିବାକୁ ହଇରାଣ ହୁଅନ୍ତି, କିନ୍ତୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ଚଗଗଣ) ସହିତ ସଂଯୋଗ କରିବା ଦ୍ୱାରା ସେମାନେ ବ୍ୟାଙ୍କ ଋଣ ପାଇ ପାରିବେ ଏବଂ ବ୍ୟବସାୟ ଆରମ୍ଭ କରିପାରିବେ କିମ୍ବା ବଢାଇପାରିବେ। ବ୍ୟାଙ୍କ ଦ୍ୱାରା ସଠିକ୍ ସମୟରେ ଋଣ ପ୍ରଦାନ ଚାଷୀଙ୍କୁ ପ୍ରେରଣା ଯୋଗାଇବା ସହିତ ଉତ୍ସାହିତ କରିବ ବୋଲି ରାଜ୍ୟପାଳ କହିଥିଲେ। ଏଣୁ ବ୍ୟାଙ୍କମାନଙ୍କ ସହ ନିୟମିତ ସମନ୍ୱୟ ରକ୍ଷା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ଏକ ବିସ୍ତୃତ ତାଲିକା ବ୍ୟାଙ୍କମାନଙ୍କୁ ପ୍ରଦାନ କରିବାକୁ ରାଜ୍ୟପାଳ ଓମ୍‌ଫେଡ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ଫଳରେ ଋଣ ପ୍ରଦାନ ପ୍ରକ୍ରିୟାକୁ ସୁଗମ କରାଯାଇପାରିବ, ଯାହା ରାଜ୍ୟରେ ଦୁଗ୍ଧ ଚାଷକୁ ପ୍ରୋତ୍ସାହିତ କରିବ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇବ। ଏହା ଦୁଗ୍ଧ ଉତ୍ପାଦନ ଏବଂ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ପୂରଣ କରିବାରେ ସହାୟକ ହେବ ବୋଲି ରାଜ୍ୟପାଳ କହିଥିଲେ। ଏ ଦିଗରେ ଯଦି କୌଣସି ସମସ୍ୟା ଉପୁଜେ, ତେବେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ସିଧାସଳଖ ତାଙ୍କ ସହ ଯୋଗାଯୋଗ କରିପାରିବେ ବୋଲି କହିଥିଲେ। ଏହି ଗସ୍ତ ସମୟରେ ରାଜ୍ୟପାଳ ମେଗା ଡାଇରୀ ପ୍ଲାଂଟର ବିଭିନ୍ନ ବିଭାଗ, ଲାବୋରାଟାରୀ, ଘିଅ ବିଭାଗ, ଉତ୍ପାଦ ଗ୍ୟାଲେରୀ ବୁଲି ଦେଖିଥିଲେ। ଓମ୍‌ଫେଡ୍ କର୍ତ୍ତୃପକ୍ଷ ପାୱାର ପଏଂଟ୍ ପ୍ରେଜେଂଟେସନ୍ ମାଧ୍ୟମରେ ପ୍ଲାଂଟର କାର୍ଯ୍ୟଧାରା, ପରିଚାଳନା, ମାର୍କେଟିଂ ପଦ୍ଧତି ଏବଂ ଉତ୍ପାଦ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଟ, ଓମ୍‌ଫେଡର ପ୍ରେସିଡେଂଟ କିଶୋର ଚନ୍ଦ୍ର ପ୍ରଧାନୀ, ଓମ୍‌ଫେଡର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ପ୍ରମୁଖ ରାଜ୍ୟପାଳଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କୁ ସାକ୍ଷାତ କଲେ ସୂଚନା କମିଶନ୍



**ଭୁବନେଶ୍ୱର,୪।୯ (ମହାଭାରତ):** ରାଜ୍ୟ ମୁଖ୍ୟ ସୂଚନା କମିଶନର ଶ୍ରୀ ମନୋଜ ପରିଡାଙ୍କ ନେତୃତ୍ୱରେ ଆଜି ରାଜ୍ୟ ସୂଚନା କମିଶନର ବୃନ୍ଦ ମାନ୍ୟବର ରାଜ୍ୟପାଳଙ୍କୁ ରାଜଭବନରେ ଭେଟିଥିଲେ। କମିଶନରମାନେ ବିଭିନ୍ନ କାର୍ଯ୍ୟକଳାପ ଏବଂ ବିଚାରାଧୀନ ମାମଲାଗୁଡ଼ିକର ତ୍ୱରିତ ସମାଧାନ ପାଇଁ କମିଶନର ସାମ୍ପ୍ରତିକ ପଦକ୍ଷେପସମୂହ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ବିଚାରାଧୀନ ମାମଲାଗୁଡ଼ିକର ସମାଧାନ ପାଇଁ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଅନ୍ୟ ରାଜ୍ୟର ସୂଚନା କମିଶନଙ୍କ ଦ୍ୱାରା ପ୍ରବର୍ତ୍ତିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ପ୍ରଚଳନ ପାଇଁ କମିଶନଙ୍କୁ ପ୍ରଶଂସା କରିଥିଲେ। ସେ ପରାମର୍ଶ ଦେଇଥିଲେ ଯେ ସୂଚନା ଅଧିକାର ମାମଲା ସହ ଜଡିତ ବିଭିନ୍ନ ସରକାରୀ ଅଧିକାରୀମାନଙ୍କୁ ବିଭିନ୍ନ ପ୍ରତିଷ୍ଠାନରେ ଉପଯୁକ୍ତ ତାଲିମ ପ୍ରଦାନ କରାଯିବା ଉଚିତ। ସେ ଏହା ମଧ୍ୟ କହିଥିଲେ ଯେ ସୂଚନା ଅଧିକାର ଆଇନର ଲାଭ ଉଠାଇବା ପାଇଁ ଦୂରଦୂରାନ୍ତ ଜିଲ୍ଲାଗୁଡ଼ିକର ଆଦିବାସୀ ଅଂଚଳର ଲୋକଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରାଯିବା ଉଚିତ। କମିଶନର ସଦସ୍ୟମାନେ ଉପସ୍ଥାପନ କରିଥିଲେ ଯେ ମାମଲା ସମାଧାନ ପାଇଁ ଉପଯୁକ୍ତ ଡିଜିଟାଲାଇଜେସନ୍ ପ୍ରଚଳନ କରାଯାଇଛି। ଆବେଦନକାରୀମାନେ ସେମାନଙ୍କର ଆବେଦନ ଅନଲାଇନରେ ଦାଖଲ କରିପାରିବେ ଏବଂ କମିଶନ ଦ୍ୱାରା ପ୍ରଦତ୍ତ ସମସ୍ତ ନିର୍ଦ୍ଦେଶ ସାଧାରଣ ଲୋକଙ୍କ ପାଇଁ ଏହାର ସରକାରୀ ୱେବସାଇଟରେ ମଧ୍ୟ ଉପଲବ୍ଧ ହୋଇ ପାରୁଛି । ଆବେଦନକାରୀମାନଙ୍କୁ ମାମଲାର ଶୁଣାଣି ପାଇଁ ଭୁବନେଶ୍ୱର ଯିବାରେ ହେଉଥିବା ଅସୁବିଧା ଦୂର କରିବା ପାଇଁ ରାଜ୍ୟପାଳ କମିଶନରମାନଙ୍କୁ ବିଭିନ୍ନ ଜିଲ୍ଲା ମୁଖ୍ୟାଳୟ ପରିଦର୍ଶନ କରି ସେଠାରେ ଶୁଣାଣି କରିବାକୁ ପରାମର୍ଶ ଦେଇଥିଲେ।

*ଆମ୍ବୁଲାନ୍ସରେ ଅକ୍ସିଜେନ ସରିଯିବାରୁ ମହିଳାଙ୍କ ମୃତ୍ୟୁ ଘଟଣା*

# ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ : ବିଜେଡ଼ି

**ଭୁବନେଶ୍ୱର,୪।୯ (ମହାଭାରତ):** ଗୋଟିଏ ଘରୋଇ ଆମ୍ବୁଲାନ୍ସରେ ଜଣେ ଗୁରୁତର ଅସୁସ୍ଥ ମହିଳାଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯାଉଥିବା ବେଳେ ହଠାତ ଅକ୍ସିଜେନ ଶେଷ ହୋଇଯିବାରୁ ମୃତ୍ୟୁ ହୋଇଥିବା ଖବର ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ, ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଗତ ଏକବର୍ଷ ଭିତରେ ବିପର୍ଯ୍ୟସ୍ତ ହୋଇଥିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ବିଜୁ ଜନତା ଦଳ କହିଛି।

ବିଜେଡି ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେଲିନ ମହାନ୍ତି କହିଛନ୍ତି, ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇଥିବା ନେଇ ବିଜୁ ଜନତା ଦଳ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଛି। ସରକାର ଆମ୍ବୁଲାନ୍ସ ଗୁଡିକର ରକ୍ଷଣାବେକ୍ଷଣ ନକରିବା କାରଣରୁ ଆମ୍ବୁଲାନ୍ସ ସେବା ପ୍ରଭାବିତ ହୋଇଛି। ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ଏହି ଆମ୍ବୁଲାନ୍ସ ସେବା, ଫୋନ କରିବାର ୨୦ ମିନିଟ ଭିତରେ ଆମ୍ବୁଲାନ୍ସ ରୋଗୀଙ୍କ ପାଖରେ ପହଞ୍ଚୁଥିଲା। କିନ୍ତୁ, ଏବେ ଆମ୍ବୁଲାନ୍ସ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଘଂଟା ଘଂଟା ଅପେକ୍ଷା କରିବାକୁ ପଡୁଛି। ଗତ ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ନିକଟବର୍ତ୍ତୀ ଏକ ଗ୍ରାମରେ ଶଙ୍କର ନାମକ ଏକ ଯୁବକ କ୍ରିକେଟ ଖେଳୁଥିବା ବେଳେ ଛାତିରେ ବଲ ବାଜି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ୧୦୮ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଆମ୍ବୁଲାନ୍ସରେ ଥିବା ଅନ୍ୟମାନେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ, ୩ ଘଂଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସିପାରି ନଥିଲା। ରୋଗୀଙ୍କ ଆତ୍ମୀୟ ଗୋଟିଏ ଘରୋଇ ଗାଡ଼ିରେ ରୋଗୀଙ୍କୁ ନେଇ ହସ୍ପିଟାଲରେ ପହଂଚିଲା ବେଳକୁ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ।

ଡ଼ ମହାନ୍ତି କହିଛନ୍ତି, ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇ ନ ପାରିବାରୁ, ଆଉ ଏକ ଅମୁଲ୍ୟ ଜୀବନ ଯାଇଛି। ବାରମ୍ବାର ଘଟୁଥିବା ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ।

# ଉପମୁଖ୍ୟମନ୍ତ୍ରୀ ପ୍ରଭାତିଙ୍କ ସ୍ମୃତିଶକ୍ତି ଦୁର୍ବଳ

**ଭୁବନେଶ୍ୱର,୪।୯ (ମହାଭାରତ):** ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯେଉଁଭଳି ଭିତ୍ତିହୀନ ଓ ଅଯୌକ୍ତିକ ମନ୍ତବ୍ୟ କଂଗ୍ରେସର ସର୍ବୋଚ୍ଚ ନେତାଙ୍କ ପ୍ରତି ରଖିଛନ୍ତି, ଏହାର ପ୍ରତିବାଦରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ଓଡିଶା ପିସିସି ମୁଖପାତ୍ର ଶ୍ରୀମତୀ ସୋନାଲି ସାହୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ କଡ଼ା ପ୍ରତିବାଦ ଜଣାଇଛନ୍ତି । ଶ୍ରୀମତୀ ପରିଡ଼ା ଏକ ଭିତ୍ତିହୀନ କଥାକୁ ଆଳ କରି ପ୍ରଧାନମନ୍ତ୍ରୀଙ୍କ ପ୍ରିୟ ହେବାକୁ ଅପଚେଷ୍ଟା ଚଳାଇଛନ୍ତି। ବିହାର ନିର୍ବାଚନରେ ପରାଜୟର ଆଶଙ୍କା ଓ ଭୟ ବିଜେପିକୁ ଘାରୁଛି। ଭାରତରେ ବିଜେପି ଭୋଟ ଚୋରି କରି ସତ୍ତାକୁ ଆସିଛି। ଏହା ସହିତ ବିହାରରେ କଂଗ୍ରେସ ପ୍ରତି ଲୋକଙ୍କ ଅକୁଣ୍ଠ ସମର୍ଥନ ଦେଖି ବିଜେପି ଦଳ ଏବଂ ତାର ତଥାକଥିତ ପ୍ରଚାରକ ମାନେ ଭୟରେ କଂଗ୍ରେସର ଅପପ୍ରଚାର କରୁଛନ୍ତି । କଂଗ୍ରେସ ନୀତି ଆଦର୍ଶର ଦଳ, କଂଗ୍ରେସ ସବୁବେଳେ ମା'ମାତୃକାକୁ ସମ୍ମାନ ଦେଇ ଆସିଛି। ମିଛ ପ୍ରଚାର କରି କଂଗ୍ରେସକୁ କିମ୍ବା କଂଗ୍ରେସ ନେତୃବୃନ୍ଦଙ୍କୁ ଦୋଷୀ କରି ପାରିବେନି । ଇତିହାସ ସାକ୍ଷୀ ଅଛି, ବିଗତ ଦିନରେ ବିଜେପି ଏବଂ ଦେଶର ପ୍ରଧାନ ସେବକ ବୋଲାଉଥିବା ପ୍ରଧାନମନ୍ତ୍ରୀ କିଭଳି କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଗୋରୀ ଚମଡ଼ି, ବାର୍ ଡ୍ୟାନ୍ସର କହି ସମାଲୋଚନା କରିଥିଲେ । ଏପରିକି ରାହୁଲ ଗାନ୍ଧୀଙ୍କୁ ହାଇବ୍ରିଡ୍ ବାଛୁରୀ ବୋଲି ବିଦ୍ରୁପ କରିଥିଲେ । ଶ୍ରୀମତୀ ସାହୁ ପୁଣି କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଯଦି ନିଜ ମାଆଙ୍କ ପ୍ରତି ସାମାନ୍ୟ ସମ୍ମାନ ଥାନ୍ତା, ତେବେ ନୋଟବନ୍ଦୀ ସମୟରେ ନିଜ ଶତାୟୁ ମାଆଙ୍କୁ ଏଟିଏମ ଧାଡ଼ିରେ ଛିଡା କରି ବିଜ୍ଞପିତ କରି ନଥାନ୍ତେ । ନିଜକୁ ହିନ୍ଦୁଙ୍କ ଠିକାଦାର ବୋଲି ଦାବି କରୁଥିବା ପ୍ରଧାନମନ୍ତ୍ରୀ ମୋଦୀ ନିଜ ମାଆଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ କାହିଁକି ଲଣ୍ଡା ହେଲେନାହିଁ? ଏହା କଣ ହିନ୍ଦୁ ଭାବନା ପ୍ରତି କୁଠାରାଘାତ ନୁହେଁ କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମତୀ ସାହୁ।



# ନିୟନ୍ତ୍ରଣରେ ବନ୍ୟା ସ୍ଥିତି

**ଭୁବନେଶ୍ୱର,୪।୯ (ମହାଭାରତ):** ରାଜ୍ୟରେ ଲଗାତାର ବର୍ଷା କାରଣରୁ ବିଭିନ୍ନ ନଦୀର ଜଳସ୍ତର ବଢିଛି। ହେଲେ ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣରେ ଅଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ସାମ୍ବାଦିକମାନଙ୍କ ସହ କଥାବାର୍ତା ବେଳେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପାଣିପାଗ ବିଭାଗର ଆକଳନ ଅନୁସାରେ ୧ ରୁ ୫ ତାରିଖ ଲଘୁଚାପ ସୃଷ୍ଟି ହେବ। ଆଜି ସକାଳ ୫.୩୦ ରେ ବଙ୍ଗୋପ ସାଗରର ଉତ୍ତର ପଶ୍ଚିମ ଦିଗରେ ଲଘୁଚାପ ସୃଷ୍ଟି ହୋଇଛି। ଏହି କାରଣରୁ ଓଡ଼ିଶାର ୩୦ ଜିଲ୍ଲା ରେ ୪୦ରୁ ୪୫ କିମି ପବନ ସହ ବର୍ଷା ହେବ। ସେ କହିଛନ୍ତି ଯେ ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁରଓ ଦେଓଗଡ ଜିଲ୍ଲା ପାଇଁ ୱାର୍ଣ୍ଣି ଜାରି ହୋଇଥିଲା। ଅଧିକ ବର୍ଷା ପାଇଁ ମାଲକାନଗିରି, ନୟାଗଡ, ବୌଦ୍ଧ, ସୋନପୁର, ବଲାଙ୍ଗୀର ପାଇଁ ୱାର୍ଣ୍ଣି ଥିଲା। ଆଗୁଆ ସତର୍କ ଥିଲା, ବର୍ଷା ପବନ ସବୁ ଜିଲ୍ଲା ରେ ହେଉଛି। ୮.୩୦ ସୁଦ୍ଧା ମାତ୍ର ୧୫ମିମି ବର୍ଷା ହୋଇଛି। କେନ୍ଦୁଝର ରେ ୨୧୫ ମିମି ବର୍ଷା ରେକର୍ଡ ହୋଇଛି। ବିଭିନ୍ନ ନଦୀର ଜଳ ପତନ ବଢ଼ିବାରେ ଲାଗିଛି କିନ୍ତୁ ବିପଦ ସଂକେତ ପାରି ହୋଇନାହିଁ। ହୀରାକୁଦ ବନ୍ଦରେ ପାଣି ସଂରକ୍ଷଣ କରାଯାଉଛି ଗେଟ ଖୋଲା ଯାଇନାହିଁ। ମହାନଦୀରେ ବିପଦ ନାହିଁ। ବୁଢାବଲଙ୍ଗରେ ୱାର୍ଣ୍ଣି ଲେବଲ ବଢୁଛି, ଜାଲକାରେ ବଢୁଛି। ୨ଟି ଜିଲ୍ଲା ବାଲେଶ୍ୱର ଓ ମାଲକାନଗିରି ବ୍ୟାପକ ପ୍ରଭାବିତ ହୋଇଛି। ମାଲକାନଗିରିରେ ବ୍ୟାପକ ବର୍ଷା ଯୋଗୁଁ ୨ଟି ବ୍ରିଜ ଉପରେ ପାଣି ଯାଉଛି। ବାଲେଶ୍ୱରରେ ପ୍ରଭାବିତ ହୋଇଛି। ଆଗାମୀ ୫ ତାରିଖ ପର୍ଯ୍ୟନ୍ତ ବର୍ଷା, ପବନ ହେବ। ରିଲିଫ ସେଂଟର କୁ ଆଣିବା ସ୍ଥିତି ଉପନ୍ନ ହୋଇନାହିଁ। ରିଲିଫ ପ୍ରସ୍ତୁତ ଅଛି। ଗାଁ ଛାଡି ରିଲିଫ ସେଂଟର କୁ ଆସନ୍ତୁ ସମସ୍ତ ସୁବିଧା ଦିଆଯିବ। କ୍ଷତି ଗ୍ରସ୍ତ ହେଲେ ସରକାର କ୍ଷତି ପୂରଣ ଦେବା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି।



# ଜନଜାତିଙ୍କ ବିକାଶ ପ୍ରକଳ୍ପ ଶୀଘ୍ର ଶେଷ କର



**ଭୁବନେଶ୍ୱର,୪।୯ (ମହାଭାରତ):** ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିକାଶ ବିଭାଗର ଦୁଇଗୋଟି ବୈଠକରେ ଅଧ୍ୟକ୍ଷତା କରି ବିଭାଗ ଦ୍ୱାରା ଜନଜାତି ଅଂଚଳର ବିକାଶ ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । ପ୍ରଥମ ବୈଠକଟି ଜନଜାତି ଅଂଚଳର ବିକାଶ ପାଇଁ ସମ୍ବିଧାନର ୨୭୫(୧) ଅନୁଚ୍ଛେଦ ଅନୁସାରେ ରାଜ୍ୟକୁ ପ୍ରଦାନ କରାଯାଉଥି ବା ଅର୍ଥର ବିନିଯୋଗ ପାଇଁ ପ୍ରକଳ୍ପ ଅନୁମୋଦନ ସଂପର୍କିତ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭିନ୍ନ କାର୍ଯ୍ୟ ବାବଦକୁ ୧୭୮ କୋଟିର ପ୍ରକଳ୍ପ କମିଟି ଦ୍ୱାରା ଅନୁମୋଦନ କରାଯାଇ ଭାରତ ସରକାରକୁ ସୁପାରିଶ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ମୁଖ୍ୟ କାର୍ଯ୍ୟଗୁଡ଼ିକ ମଧ୍ୟରେ ଜନଜାତି ଅଂଚଳରେ ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ନୂତନ ହଷ୍ଟେଲ, ଶିକ୍ଷକମାନଙ୍କ ପାଇଁ କର୍ମଚାରୀ କ୍ୱାର୍ଟର, ରାସ୍ତା ଓ ସେତୁ ନିର୍ମାଣ ଅନ୍ତର୍ଭୁକ୍ତ ରହିଛି । କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରି ଉପଯୁକ୍ତ ଭାବେ ସମ୍ପୂର୍ଣ୍ଣ ଯୋଜନାଭିତ୍ତିକ ପ୍ରସ୍ତୁତି କରି ପ୍ରକଳ୍ପ ଶେଷ କରାଯିବା ଉପରେ ଉନ୍ନୟନ କମିଶନର ଗୁରୁତ୍ୱ ଦେଇଥିଲେ।

# ଯଶସ୍ୱୀ ମଧୁସୂଦନ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୪।୯ (ମହାଭାରତ):** ସୁଲେଖିକା ଆରତି କରଙ୍କ ରଚିତ ଯଶସ୍ୱୀ ମଧୁସୂଦନ ପୁସ୍ତକର ଲୋକାର୍ପଣ ଉତ୍ସବ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ସଭଗୃହରେ ପୂଜ୍ୟ ପୂଜା, ଓଡିଶା ଆନୁକୂଲ୍ୟରେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି।

ମୁଖ୍ୟ ଅତିଥି ଭାବେ ବର୍ଷିଆନ ଜନନେତା ବିଶିଷ୍ଟ ବୁଦ୍ଧିଜୀବୀ ପଦ୍ମ ଚରଣ ନାୟକ, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପର୍ଶୁରାମ ଦ୍ୱିବେଦୀ, ସମ୍ମାନିତବକ୍ତା ଭାବେ ପ୍ରଫେସର ପ୍ରଫୁଲ୍ଲ କୁମାର ରଥ ଯୋଗଦାନ କରି ସେମାନଙ୍କ ବକ୍ତବ୍ୟରେ ବହିଟିର ଭୂୟସୀ ପ୍ରଶଂସା କରିବା ସହ ଯୁବ ପିଢି ଏବଂ ସମାଜ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ବିଧାନସଭା ଗୃହକୁ ମଧୁଭବନ ଓ ଉତ୍କଳ ମଣ୍ଡପକୁ ଉତ୍କଳଗୌରବ ମଣ୍ଡପ ନାମରେ ନାମିତ କରିବାକୁ ପ୍ରସ୍ତାବ ଆଗତ ସହ ସରକାରଙ୍କୁ ଅନୁରୋଧ କରାଯିବାକୁ ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ପୂଜ୍ୟ ପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ ସହ ସଭାପରିଚାଳନା କରିଥିଲେ। ପ୍ରହଲ୍ଲାଦ ସାହୁ, ନଳିନୀ ପ୍ରଭୁ, ଅନିମେଷ ଅନୁପମ ଭଜନ ଗାନ କରିଥିଲେ। ହରିହର ପଣ୍ଡା, ଉମେଶ ଚନ୍ଦ୍ର ପଣ୍ଡାଙ୍କ ବିୟୋଗରେ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସୀତାବଲ୍ଲଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ସେମିକନ୍ ଇଣ୍ଡିଆ ଉଦଘାଟିତ

**ଭୁବନେଶ୍ୱର,୪।୯ (ମହାଭାରତ):** ସେମିକଣ୍ଡକ୍ଟର ଅଭିବୃଦ୍ଧିର ଭାରତର ପରବର୍ତୀ ଅଧ୍ୟାୟ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ। ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଯଶୋଭୂମି (ଇଣ୍ଡିଆ ଇଂଟରନ୍ୟାସନାଲ କନଭେନ୍ସନ୍ ଆଣ୍ଡ୍ ଏକ୍ସପୋ ସେଂଟର)ରେ ସେମିକନ୍ ଇଣ୍ଡିଆ ୨୦୨୫କୁ ଉଦଘାଟନ କରିଛନ୍ତି। ଜାପାନ ଏବଂ ଚାଇନା ଗସ୍ତରୁ ଫେରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସେହି ଦିନ ଦୂର ନୁହେଁ ଯେତେବେଳେ ବିଶ୍ୱ କହିବ – ଡିଜାଇନ୍ ଇନ୍ ଇଣ୍ଡିଆ, ମେଡ୍ ଇନ୍ ଇଣ୍ଡିଆ, ୱାର୍ଲ୍ଡ ଦ୍ୱାରା ବିଶ୍ୱସ୍ତ'। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ସେମିକଣ୍ଡକ୍ଟର ଦୁନିଆରେ ପ୍ରାୟତଃ କୁହାଯାଏ ଯେ 'ତେଲ କଳା ସୁନା ଥିଲା, କିନ୍ତୁ ଚିପ୍ସ ହେଉଛି ଡିଜିଟାଲ ଡାଇମଣ୍ଡ'। ସେମିର ସଭାପତି ତଥା ସିଇଓ ଅଜିତ ମନୋଚା କହିଛନ୍ତି, "ଭାରତୀୟ ସେମିକଣ୍ଡକ୍ଟର ଶିଳ୍ପ 'ମୋଦୀଙ୍କ ଆଇନ' ଅନୁଯାୟୀ ଦ୍ରୁତ ଅଭିବୃଦ୍ଧି ଅନୁଭବ କରୁଛି, ଯେଉଁଥିରେ ଭାରତ ଶିଳ୍ପ ସମ୍ପ୍ରସାରଣ ପାଇଁ ମୁରଙ୍କ ଆଇନକୁ ଅନୁକରଣ କରୁଛି । ଏଆଇ ସମର୍ଥିତ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ଏବଂ ଉଦ୍ଭାବନ ସହିତ ଟେକ୍ନୋଲୋଜି ଏକ ମୁହୂର୍ତରେ ଥିବାରୁ, ମୁଁ ବିଶ୍ୱାସ କରେ ଯେ ଆମେ ବର୍ତମାନର ଭୂ-ରାଜନୈତିକ ଦୃଶ୍ୟପଟର ଅଭୂତପୂର୍ବ ଗତିଶୀଳତାର ଶୀର୍ଷରେ ଅଛୁ । ବୈଶ୍ୱିକ ସେମିକଣ୍ଡକ୍ଟର କ୍ଷେତ୍ରରେ ଉଲ୍ଲେଖନୀୟ ସମ୍ଭାବନା ଏବଂ ବଢୁଥିବା ନେତୃତ୍ୱ ପାଇଁ ଭାରତ ବିଶ୍ୱସ୍ତରରେ ସ୍ୱୀକୃତି ଲାଭ କରୁଛି।"

# ଭାରତର ଶୀର୍ଷ ୩୫ ମ୍ୟାନେଜମେଣ୍ଟ ଅନୁଷ୍ଠାନ ମଧ୍ୟରେ ଆଇଆଇଏମ୍ ସମ୍ବଲପୁର

**ସମ୍ବଲପୁର,୪।୯ (ମହାଭାରତ):** ଏନଆଇଆରଏଫ ୨୦୨୫ରାକିଂରେ ଆଇଆଇଏମ୍ ସମ୍ବଲପୁର ଏକ ବଡ଼ ଲମ୍ଫ ପ୍ରଦାନ କରିଛି ଯାହା ଏହାର ପ୍ରତିଷ୍ଠା ପରେ ବୃହତ୍ତମ ଉପଲବ୍ଧିଗୁଡ଼ିକ ମଧ୍ୟରୁ ଅନ୍ୟତମ। ନୂତନ ମୂଲ୍ୟାଙ୍କନରେ ୩୪ତମ ସ୍ଥାନ ଅଧିକାର କରି ଆଇଆଇଏମ୍ ସମ୍ବଲପୁର ନିଜର ଉତ୍କର୍ଷତା ପ୍ରତିପାଦନ କରିଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ନବୀନତା, ସମଗ୍ରତା, ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ ସମାନ ସୁଯୋଗ ପ୍ରତିଷ୍ଠା କରିବାରେ ଆଇଆଇଏମ୍ ସମ୍ବଲପୁରର ଚମତ୍କାର ନେତୃତ୍ୱକୁ ଏହି ଉପଲବ୍ଧି ଦର୍ଶାଉଛି। ଏହି ଅନୁଷ୍ଠାନର ଅସାଧାରଣ କାର୍ଯ୍ୟଦକ୍ଷତା ଏହାର ଦ୍ରୁତ ଉନ୍ନତି ଏବଂ ଶିକ୍ଷାଗତ ବିଶିଷ୍ଟତା, ନବୀନତା ଏବଂ ସାମାଜିକ ପ୍ରଭାବ ପ୍ରତି ଏହାର ଅବଦାନକୁ ଉପସ୍ଥାପିତ କରୁଛି। ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁଶୀଳନ ଓ ମୂଲ୍ୟାଙ୍କନ କରିବା ପାଇଁ ଏକ ମାନକୀକୃତ ଏବଂ ସ୍ୱଚ୍ଛ ପଦ୍ଧତି ପ୍ରଦାନ କରି ଏନଆଇଆରଏଫ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସର୍ବସାଧାରଣ ମୂଲ୍ୟାଙ୍କନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣତାକୁ ସ୍ୱୀକାର କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରଭାବ ସହିତ ମାପଦଣ୍ଡର ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟା ବ୍ୟବହାର କରି ଏନଆଇଆରଏଫର ଅନୁଶୀଳନ କାର୍ଯ୍ୟକାରିତ କରାଯାଇଛି। ଶିକ୍ଷାଗତ ଉତ୍କର୍ଷତା ଏବଂ ନବୀନ ନେତୃତ୍ୱର ଏକ କେନ୍ଦ୍ର ଭାବରେ ଆଇଆଇଏମ୍ ସମ୍ବଲପୁର ଉଭା ହୋଇଛି ଯାହା ଏହାର ମୂଲ୍ୟାଙ୍କନକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ କାରକଗୁଡ଼ିକୁ ବୃଦ୍ଧି କରିବାରେ ଉଲ୍ଲେଖନୀୟ ଅଗ୍ରଗତି ପ୍ରଦର୍ଶନ କରୁଛି। ଏହା ଶିକ୍ଷଣ, ଶିକ୍ଷା ଏବଂ ସମ୍ବଳ (ଟିଏଲଆର)ରେ ଦ୍ରୁତ ବୃଦ୍ଧି ଲାଭ କରିଛି, ଯାହା ଶିକ୍ଷକଙ୍କ ଶକ୍ତି, ଶିକ୍ଷାଦାନ ପଦ୍ଧତି ଏବଂ ଶିକ୍ଷାଗତ ଅବସ୍ଥାପନାର ଉନ୍ନତି ପ୍ରଦର୍ଶନ କରୁଛି। ଏହା ବ୍ୟତୀତ, ଗବେଷଣା ଏବଂ ବୃତିଗତ ଅଭ୍ୟାସ (ଆରପିସି)ରେ ଉନ୍ନତି ଏକ ପ୍ରଭାବଶାଳୀ ଗବେଷଣା ଏବଂ ପ୍ରକାଶନ ଉପରେ ବଢୁଥିବା ଗୁରୁତ୍ୱକୁ ସୂଚାଉଛି।

# ନେକ୍ସସ ଏସପ୍ଲାନେଡ୍ ମଲ୍ ଭୁବନେଶ୍ୱରର ନୂତନ ପଦକ୍ଷେପ

**ଭୁବନେଶ୍ୱର,୪।୯ (ମହାଭାରତ):** ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡ୍, ଅଭିନବ ଅଭିଜ୍ଞତା ଏବଂ କମ୍ୟୁନିଟି-ଫର୍ଷ୍ଟ ପଦକ୍ଷେପର ଶକ୍ତିଶାଳୀ ମିଶ୍ରଣ ରେ ଓଡ଼ିଶାର ଆଧୁନିକ ରିଟେଲ୍‌କୁ ନୂଆ ରୂପ ଦେବାରେ ଲାଗିଛି ସହରର ସବୁଠାରୁ ପ୍ରିୟ ସପିଂ ଓ ଜୀବନଶୈଳୀ ପର୍ଯ୍ୟଟନସ୍ଥଳୀ ନେକ୍ସସ୍ ଏସପ୍ଲାନେଡ୍ ମଲ୍। ୨୦୧୮ରେ ଆରମ୍ଭ ହେବା ପରଠାରୁ ନେକ୍ସସ ଏସପ୍ଲାନେଡ୍ ମଲ୍ ଭୁବନେଶ୍ୱରର ଖୁଚୁରା ଚିତ୍ରକୁ ବଦଳାଇ ଦେଇଛି। ଏହା ପ୍ରଥମ ଥର ପାଇଁ ସିନେପୋଲିସ ମଲ୍ଟିପ୍ଲେକ୍ସ ଭଳି ମନୋରଞ୍ଜନ ଆଙ୍କର ଏବଂ ଷ୍ଟାରବକ୍ସ, ଚିଲିଜ୍, କେଏଫସି ଏବଂ ଡୋମିନୋଙ୍କ ଅଭିନୀତ ଏକ ବିଶ୍ୱସ୍ତରୀୟ ଫୁଡ୍ କୋର୍ଟ ସହିତ ମାର୍କସ ଆଣ୍ଡ ସ୍ପେନ୍ସର, ଲାଇଫଷ୍ଟାଇଲ ଏବଂ ଆଇଆଇସି ଭଳି ପ୍ରିମିୟମ ଅନ୍ତର୍ଜାତୀୟ ଏବଂ ଭାରତୀୟ ବ୍ରାଣ୍ଡ୍ ପ୍ରଚଳନ କରିଥିଲା। ନେକ୍ସସ୍ ସିଲେକ୍ଟ ମଲ୍ ର ଅଧ୍ୟକ୍ଷ (ଅପରେସନ୍) ଜୟେନ ନାୟକ କହିଛନ୍ତି, "ନେକ୍ସସ୍ ଏସପ୍ଲାନେଡ୍ ମଲ୍ କେବଳ ଏକ ସପିଂ ଡେଷ୍ଟିନେସନ୍ ନୁହେଁ, ଏହା ଭୁବନେଶ୍ୱରର ଆକାଂକ୍ଷା ଓ ଅଭିବୃଦ୍ଧିର ପ୍ରତୀକ। ବର୍ଷ ବର୍ଷ ଧରି, ଆମେ ଆହ୍ୱାନ ଏବଂ ଉତ୍ସବ ମାଧ୍ୟମରେ ସମୁଦାୟ ସହିତ ଭାଗିଦାରୀ କରିଛୁ, ଏବଂ ବିଶ୍ୱସ୍ତରୀୟ ଖୁଚୁରା ଏବଂ ଇମର୍ସିଭ୍ ଅନୁଭୂତିକୁ କ୍ରମାଗତ ଭାବରେ ଉପସ୍ଥାପନ କରୁଛୁ । ଆମର ନୂଆ ବ୍ରାଣ୍ଡ ସଂଯୋଗ, ନେକ୍ସସ୍ ଓନ୍ ଆପ୍ ସହିତ ଆମେ ଓଡ଼ିଶାର ଖୁଚୁରା ଅଭିଜ୍ଞତାକୁ ପରବର୍ତୀ ସ୍ତରକୁ ନେବାକୁ ଉତ୍ସାହିତ।"

# ସାମସଙ୍ଗ ବେସପୋକ୍ ଏଆଇ ୱାସର ଡ୍ରାୟରର ଶୁଭାରମ୍ଭ

**ଭୁବନେଶ୍ୱର,୪।୯ (ମହାଭାରତ):** ସାମସଙ୍ଗ, ଭାରତର ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ଆଜି ନୂତନ ବେସପୋକ୍ ଏଆଇ ୱାସର ଡ୍ରାୟର (୧୨ କେଜି ୱାସ / ୭ କେଜି ଡ୍ରାଇ) ଯାହାକି ଆଧୁନିକ ଭାରତୀୟ ଗୃହ ଗୁଡ଼ିକ ପାଇଁ ଡ଼ିଜାଇନ ହୋଇଛି ଏହାର ଶୁଭାରମ୍ଭର ଘୋଷଣା କରିଛି। ସାମସଙ୍ଗର ନୂତନ ୧୨କେଜି ୱାସର ଡ୍ରାୟର କମ୍ବୋ ନୋ-ଲୋଡ୍ ସ୍ଥାନାନ୍ତରଣର ସହଜତାକୁ ପ୍ରତ୍ୟେକ-ପାଗ ଲଣ୍ଡ୍ରି ଏବଂ ବୁଦ୍ଧିମତା କପଡ଼ା ଯତ୍ନ ସମୂହକୁ ଗୋଟିଏ ସମନ୍ୱିତ ୟୁନିଟରେ ଆଣିବା ସହିତ ଏହାକୁ ଏକ ସ୍ଥାନ-ସଂଚୟକାରୀ ସାମଗ୍ରୀ ଭାବରେ ବିରାଟ ପରିବାର ଏବଂ ସହରାଂଚଳ ଘର ଗୁଡ଼ିକ ପାଇଁ ସୁଲଭତା ପ୍ରଦାନ କରିପାରିବ। ସାମସଙ୍ଗ ଇଣ୍ଡିଆ ଦ୍ୱାରା କରାଯାଇଥିବା ଏକ ସଦ୍ୟ ଗ୍ରାହକ ସର୍ଭେ ମୁତାବକ, ସମସ୍ତ ଋତୁ ମଧ୍ୟରେ ଏଆର-ଡ୍ରାଇଙ୍ଗର ସଂଚୟ ଧାରାର ଉଦ୍ୟମକୁ ନେଇ, ୱାସର ଡ୍ରାୟରର ଚାହିଦା ଯେହେତୁ ଘର ଗୁଡ଼ିକ ସେମାନଙ୍କର କପଡ଼ାକୁ ଧୂଳି ତଥା ଜୀବାଣୁ ମାନଙ୍କ ଠାରୁ ସୁରକ୍ଷିତ କରିବାକୁ ଚାହୁଁଛନ୍ତି ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଏକ ସ୍ଥାନାନ୍ତରଣ ଘରୋଇ ଉପକରଣର ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପ୍ରତିଫଳିତ କରୁଛି ଯାହାକି ମିଳିତ ଭାବରେ ଦକ୍ଷତା ସହିତ ସୁବିଧା ଗୁଡ଼ିକୁ ଏକାଠି କରିପାରିଛି। ବିଶେଷ ଭାବରେ ସେହି ପରିବାର ଗୁଡ଼ିକ ପାଇଁ ଯେଉଁମାନେ କି ବହୁତ ବଡ଼ ଭାରକୁ ସୀମିତ ଡ୍ରାଇଙ୍ଗର ବେସପୋକ ଏଆଇ ୱାସର ଡ୍ରାୟର ସମସ୍ତ ଘୂର୍ଣ୍ଣାୟମାନ ବିକଶିତ ପସନ୍ଦକୁ ପୂରଣ କରିବା ପାଇଁ ଡ଼ିଜାଇନ ହୋଇଛି, ଯାହାକି ନୋ-ଲୋଡ୍ ସ୍ଥାନାନ୍ତରଣ ଏବଂ ସହଜ ୱାସିଙ୍ଗ ଏବଂ ଡ୍ରାଇଙ୍ଗ ସୁବିଧା ଗୁଡ଼ିକରେ ବର୍ଷସାରା ପ୍ରଦାନ କରିବା ସହିତ ଏହା ମଧ୍ୟ ମୂଲ୍ୟ ଦ୍ୱାରା ପରିଚାଳିତ ଯାହାକି ସିଧାସଳଖ ଭାବରେ ଗ୍ରାହକ ମାନଙ୍କ ପାଇଁ ସହଜ, ସଂଚୟକାରୀ ଏବଂ ଯତ୍ନଶୀଳତାର ସୁବିଧା ପ୍ରଦାନକାରୀ ଅଟେ। ସାମସଙ୍ଗର ନୂତନ ସମନ୍ୱିତ ୱାସର ଡ୍ରାୟର କମ୍ବୋ ମଧ୍ୟରେ "ନୋ-ଲୋଡ୍ ସ୍ଥାନାନ୍ତରଣ" ୱାସର ଏବଂ ଡ୍ରାୟରକୁ ନେଇ ଆସିଅଛି, ଯାହାକି ଗ୍ରାହକ ମାନଙ୍କୁ ଉପକରଣ ମଧ୍ୟରୁ କପଡ଼ାକୁ ସିଧାସଳଖ ଭାବରେ କପଡ଼ାର ଲାଇନକୁ ପରିବର୍ତ୍ତନ କରିବାକୁ ଅନୁମତି ପ୍ରଦାନ କରିଥାଏ।

# ନିଷ୍କଳଙ୍କ ନେତା

ନବୀନ ପଟ୍ଟନାୟକ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ନେତା। ତାଙ୍କ ପ୍ରତି ଓଡ଼ିଶାବାସୀଙ୍କର ଅଗାଧ ବିଶ୍ୱାସ ଏବଂ ଭଲ ପାଇବା ରହିଛି। ଜଣେ ନିଷ୍କଳଙ୍କ ନେତା ଏବଂ ସରଳ ବ୍ୟକ୍ତି ଭାବେ ସାରା ଦେଶରେ ତାଙ୍କର ସୁନାମ ରହିଛି। ୧୯୯୮ରୁ ୨୦୨୪ ପର୍ଯ୍ୟନ୍ତ ସବୁ ନିର୍ବାଚନରେ ବିଜେଡି ଏକପାଖିଆ ବିଜୟ ହାସଲ କରିଛି। ଜାତୀୟ ଦଳ ସପକ୍ଷରେ ହାୱା ଥିଲେ ମଧ୍ୟ ସେ ଏହାକୁ ପ୍ରତିହତ କରିଛନ୍ତି। ୨୦୧୪ରେ ସାରା ଦେଶରେ ପ୍ରଚଣ୍ଡ ଗୋଦି ହାୱା ଥିବା ବେଳେ ନବୀନ ଓଡ଼ିଶାରେ ୨୧ରୁ ୨୦ ଲୋକସଭା ଆସନ ଜିତିଥିଲା। ୨୦୦୯ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିଯିବା ପରେ ସମସ୍ତେ ଆଶଙ୍କା କରିଥିଲେ ଯେ, ଏଥର କଂଗ୍ରେସ ଫାଇଦା ନେବ। କିନ୍ତୁ ସବୁ ଆକଳନକୁ ଭୁଲ ପ୍ରମାଣିତ କରି ନବୀନ ପ୍ରଥମ ଥର ଲାଗି ଏକାକି ବିଧାନସଭାରେ ସଂଖ୍ୟାଗରିଷ୍ଠତା ହାସଲ କଲେ। ନିର୍ବାଚନ ବେଳେ ଓଡ଼ିଶାକୁ ବିଭିନ୍ନ ଜାତୀୟ ଦଳର ନେତାମାନେ ଆସି ପ୍ରଚାର କରିଛନ୍ତି। କିନ୍ତୁ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ନବୀନ ଏକାକି ଏମାନଙ୍କ ମୁକାବିଲା କରିଛନ୍ତି। ଏହା ସତ୍ତ୍ୱେ ୨୦୨୪ରେ ବିଜେଡି ପ୍ରଥମ ଥର ପାଇଁ ନିର୍ବାଚନରେ ପରାଜିତ ହେବାର କାରଣ ହେଲା ପ୍ରଥମତଃ ଲୋକେ କିଛିଟା ପରିବର୍ତ୍ତନ ମୁହାଁ ହୋଇଥିଲେ। ଦ୍ୱିତୀୟରେ ଲୋକଙ୍କ ମନରେ ଏଭଳି ଧାରଣା ସୃଷ୍ଟି ହେଲା ଯେ, ନବୀନ ବାବୁ ଶାରିରୀକ ଏବଂ ମାନସିକ ଦୃଷ୍ଟିରୁ ଆଉ ନେତୃତ୍ୱ ନେବାକୁ ଫିଟ ନାହାଁନ୍ତି। ସେ କିଛି ଜାଣୁ ନାହାଁନ୍ତି। ଜଣେ ଅଣଓଡ଼ିଆ ଅଫିସରଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହେଉଛନ୍ତି ଏବଂ ସମ୍ପୃକ୍ତ ଅଫିସର ହିଁ ସର୍ବେସର୍ବା। ତାଙ୍କ ନିୟନ୍ତ୍ରଣରେ ସରକାର ଏବଂ ଦଳ ପରିଚାଳିତ ହେଉଛି। ଦଳର ବରିଷ୍ଠ ନେତାମାନେ ତାଙ୍କ ଇଙ୍ଗିତରେ ପରିଚାଳିତ ହେଉଛନ୍ତି। ନବୀନ ପୁନର୍ବାର କ୍ଷମତାକୁ ଆସିଲେ ସେହି ଅଣଓଡ଼ିଆ ଅଫିସର ଜଣକ ଶାସନ କରିବେ। ନବୀନ କେବଳ କାଠପିତୁଳା ଭଳି ରହିବେ। ଗତ ନିର୍ବାଚନରେ ବିଜେଡିର ପରାଜୟ ପଛରେ ଏହା ହିଁ ମୁଖ୍ୟ କାରଣ ଥିଲା। ନବୀନ ନିର୍ବାଚନରେ ପରାଜିତ ହେବା ପରେ ଅନେକ ଦୁଃଖିତ ହୋଇଥିଲେ। ଯେଉଁମାନେ ବିଜେଡିକୁ ନିର୍ବାଚନରେ ଭୋଟ ଦେଇନଥିଲେ ସେମାନେ ବି ନବୀନଙ୍କ ପରାଜୟରେ ଦୁଃଖିତ ହେଲେ। ଅନେକ ବିଜେଡିକୁ ପରାଜିତ କରିଥିବାରୁ ମନ ଦୁଃଖ ମଧ୍ୟ କଲେ। କିଛି ଲୋକ ଏବେ ବି ପଶ୍ଚାତାପରେ ଅଛନ୍ତି। କିନ୍ତୁ ନିକଟରେ ନବୀନ ସ୍ୱାସ୍ଥ୍ୟ ଖରାପ ହେତୁ ଦୁଇ ଦୁଇ ଥର ହସ୍ପିଟାଲରେ ଆଡମିଶନ ହେବ ଏବଂ ତାଙ୍କୁ ସମ୍ପୃକ୍ତ ପୂର୍ବତନ ଆଇଏଏସ ଅଧିକାରୀ ଜଣକ ହସ୍ପିଟାଲ ନେବା, ତାଙ୍କର ଦେକା ଚାହାଁ କରିବା, ଦଳର ଅନ୍ୟ କାହାରିକୁ ନବୀନଙ୍କ ୩ନିକଟକୁ ଆସିବାକୁ ସୁଯୋଗ ନଦେବା ଏବଂ ପରେ ସେ ଏକାକି ନବୀନଙ୍କୁ ହସ୍ପିଟାଲରୁ ଘରକୁ ଫେରାଇନେବା ଘଟଣାର ଦୃଶ୍ୟ ଦେଖିବା ପରେ ଅନେକ ଏବେ ଭାବୁଛନ୍ତି ଯେ, ଗତ ନିର୍ବାଚନରେ ସେମାନେ ବିଜେଡିକୁ ଭୋଟ ନଦେଇ ଭୁଲ କରି ନାହାଁନ୍ତି। ପ୍ରଥମତଃ ବୟସାଧିକ କାରଣରୁ ନବୀନ ଆଉ ସୁସ୍ଥ ନାହାଁନ୍ତି। ତାଙ୍କର ଅନେକ ସମସ୍ୟା ଦେକିବାକୁ ମିଳୁଛି। ଦ୍ୱିତୀୟରେ ସମ୍ପୃକ୍ତ ପୂର୍ବଅତନ ଆଇଏଏସ ଅଫିସର ଜଣକ ଏବେ ବି ନବୀନଙ୍କୁ ନିଜ କବଜାରେ ରଖିଛନ୍ତି। ତାଙ୍କ ନିୟନ୍ତ୍ରଣରେ ଦଳ ରହିଛି। ହସ୍ପିଟାଲରେ ସେ ନବୀନଙ୍କୁ ଦେଖା କରିବାକୁ ଆସିଥିବା ବିଜେଡି ନେତାମାନଙ୍କୁ ଯେପରି ବ୍ୟବହାର ପ୍ରଦର୍ଶନ କଲେ ତାହା ଅନେକଙ୍କୁ ବ୍ୟଥିତ କରିଛି। ନବୀନ ବାବୁ ଓଡ଼ିଶାବସୀଙ୍କର ଅତି ପ୍ରିୟ ଏବଂ ସମ୍ମାନିତ। ତାଙ୍କୁ କେହି ନିଜ କବଜରେ ରଖିବା ଓଡ଼ିଶାବାସୀ ଗ୍ରହଣ କରିପାରୁନାହାଁନ୍ତି।

“
ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ।

# ବିଶ୍ୱ ସମସ୍ୟା

**॥ ଅଲେଖ ଚନ୍ଦ୍ର ସାମଲ ॥**

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାସଟିକ, ଇଲେକଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ମହତ୍ତର ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଂକଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମିକ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କଣ? ଧର୍ମ ଏବଂ ନୈତିକତା ପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି? ଜ୍ଞାନ ଏବଂ ଶାନ୍ତି ଲାଭ ପାଇଁ ଅବଶ୍ୟ ମାନବ ଜାତି ଅନେକ ଉପାୟ ଓ ପଦ୍ଧତି ଅବଲମ୍ବନ କରିପାରେ। ବେଦ, ଶାସ୍ତ୍ର, ବ୍ରହ୍ମସୂତ୍ର, ବାଇବେଲ, କୋରାନ, ଜେନ୍ଦ ଅଭେସ୍ତା, ଗ୍ରନ୍ଥ ସାହେବ ଏବଂ ସହସ୍ର ସମଗ୍ର ପବିତ୍ର ଗ୍ରନ୍ଥରୁ ଅମୂଲ୍ୟ ଦିଗଦର୍ଶନ ଲାଭ କରିପାରେ। ଭାରତରେ ଆଶ୍ରମ, ଧର୍ମ, ସଂପ୍ରଦାୟର ମୁଖ୍ୟ, ଆଧ୍ୟାତ୍ମିକ ସୂତ୍ର ଓ ଶୃଙ୍ଖଳାର ପ୍ରବକ୍ତା, ଜ୍ଞାନୀ ଏବଂ ସମ୍ମାନୀୟ ବୟୋବୃଦ୍ଧଙ୍କର ଅଭାବ ନାହିଁ। ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଚାର କରୁଛନ୍ତି, ଏବଂ ପ୍ରକାଶ କରୁଛନ୍ତି ତଥାପି ଜୀବନର ନୈତିକ, ଆଧ୍ୟାତ୍ମିକ ଏବଂ ଧାର୍ମିକ କ୍ଷେତ୍ରରେ ମଣିଷର ମନ ନିରନ୍ତର ନିମ୍ନଗାମୀ ହେଉଛି। ଏହି ଅଧଃପତନ କାହିଁକି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅନ୍ୟ ମାନଙ୍କୁ ଯନ୍ତ୍ରଣା ଦେବା ଦ୍ୱାରା ମଣିଷ ଏପରି ଆନନ୍ଦ ଲାଭ କରୁଛି ଏବଂ ଉଲ୍ଲସିତ ହେଉଛି ସେ ଗତ ୫୫୦୦ ବର୍ଷ ମଧ୍ୟରେ ୧୫୦୦ ଯୁଦ୍ଧ ହୋଇଛି ବୋଲି ଇତିହାସରୁ ପ୍ରମାଣ ମିଳୁଛି। ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ ଏପରି କୌଣସି ସଂକେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଂଚାର କରୁଛି। ଏସବୁ ଉଦବେଗ ଓ ଆଶଙ୍କାର ପ୍ରକୃତ କାରଣ କଣ? ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତାହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର, ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ।

ଘୃଣା, ଈର୍ଷା, ଲୋଭ, ଆଡ଼ମ୍ବର ପ୍ରଦର୍ଶନ ଏବଂ ଅନ୍ୟ ମାନଙ୍କ ସହିତ ତୁଳନା ଓ ପ୍ରତିଯୋଗିତା ପାଇଁ ଅଭିଳାଷା, ଏସବୁ ମନ୍ଦ ବୃତ୍ତିର ମୂଳୋତ୍ପାଟନ କରିବାକୁ ହେବ। ଏହି ଦୁର୍ଗୁଣ ଗୁଡ଼ିକ କେବେ ସାଧାରଣ ମଣିଷକୁ ବିଷାକ୍ତ କରୁନାହିଁ, ଋଷି, ମୁନି, ଧର୍ମ ଅନୁଷ୍ଠାନର ମୁଖ୍ୟ ଏବଂ ପଣ୍ଡିତ ମାନଙ୍କୁ ବିଷାୟିତ କରୁଛି। ଏସବୁ ମଧ୍ୟରୁ ଘୃଣା ଏବଂ ଲୋଭର ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଆଦର୍ଶର ଆଧାର ରୂପେ ନିଜେ ପରିଚିତ କରାଉଥିବା ଏହି ମହାପୁରୁଷ ଏବଂ ଭବିଷ୍ୟତ ଦ୍ରଷ୍ଟାମାନେ ଯଦି ଏପରି ନୀଚ ଗୁଣାବଳୀ ପ୍ରଦର୍ଶିତ କରନ୍ତି ସେମାନେ ବିଶ୍ୱକୁ ସଜାଡ଼ି ପାରିବେ କିପରି? ସେମାନେ କେବଳ ଦୂଷୀକରଣ ବୃଦ୍ଧି କରିପାରିବେ।

ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ବାଳକ, ବାଳିକା, ଶିଶୁ ଓ ଯୁବକ ମାନଙ୍କ ହୃଦୟରେ ସର୍ବତ୍ର ପବିତ୍ରତାର ଚେର ମାଡ଼ିବା ଉଚିତ। ଉତ୍ତମ ଏବଂ ଭଗବତ ପୁରୁଷମାନେ ଏହି କର୍ତ୍ତବ୍ୟ ସଂପାଦନ ପାଇଁ ଉଦ୍ୟମ କରିବା ଉଚିତ। ସେମାନେ ଏହାକୁ ମହାନ ସାଧନା ମନେକରିବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସଂପଦ ସଂଗ୍ରହ ଓ ସଂଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ଜମା ପରିତ୍ୟାଗ ଅଥବା ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତାର ଆସ୍ଥା ନାହିଁ। ମିଥ୍ୟା ଦ୍ୱାରା ସେ ଆକର୍ଷିତ ହୋଇଥାଏ, ସତ୍ୟକୁ ସେ ପ୍ରତିବନ୍ଧକ ମନେକରେ। ତେଣୁ ମୃତ୍ୟୁ ଯେ ଗୌରବମୟ ଜୀବନର ସମୃଦ୍ଧ ପରିପୂର୍ଣ୍ଣତା, ଏହା ଉପଲବ୍ଧି କରିବା ପାଇଁ ସେ ଅକ୍ଷମ। ଉଦବେଗ ଏବଂ ଅଭାବରେ ସେ ମୃତ୍ୟୁବରଣ କରେ। ଲୋକମାନେ ଶୁଆ ପରି ସତ୍ୟ, ଅହିଂସା, ଧର୍ମ ଏବଂ ପ୍ରେମ ଶବ୍ଦ ଗୁଡ଼ିକ ନିରନ୍ତର ଉଚ୍ଚାରଣ କରନ୍ତି। ସେମାନେ ଘୋଷଣା କରନ୍ତି ଯେ ସତ୍ୟଠାରୁ ଉଚ୍ଚତର ଧର୍ମ ନାହିଁ। ମାତ୍ର ଆଶ୍ଚର୍ଯ୍ୟର କଥା ସତ୍ୟର ଅଧିକାରୀ ହେବା ପାଇଁ ମଣିଷ ଅଭିଳାଷ ପୋଷଣ କରେ ନାହିଁ।

ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତାର ଆଗ୍ରହ ନାହିଁ। ପୁଣି ନିଜ ସତ୍ତାର ସତ୍ୟ ଉପଲବ୍ଧି ନିମନ୍ତେ ତାର ତିଳେମାତ୍ର ଅଭିଳାଷ ନାହିଁ। ସେ ଦିଗକୁ ସେ ଦୃଷ୍ଟି ଦିଏ ନାହିଁ। ଦୃଷ୍ଟ ହେଲେ ମଧ୍ୟ ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସ ଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ପ୍ରାରମ୍ଭ ଅଥବା ପରିଶେଷରେ ଯାହା ପରିଦୃଷ୍ଟ ହୁଏନାହିଁ; କେବଳ ମଧ୍ୟାନ୍ତରରେ ଯାହା ପ୍ରକଟିତ ହୋଇଥାଏ ତାହା ପ୍ରକୃତରେ ପ୍ରକୃତ ହୋଇନପାରେ। ଏହା ସତ୍ୟ ନୁହେଁ ମିଥ୍ୟା। ସୃଷ୍ଟି ପୂର୍ବରୁ ବ୍ରହ୍ମାଣ୍ଡ ନଥିଲା, ପରେ ଅର୍ଥାତ୍ ପ୍ରଳୟ ପରେ ମଧ୍ୟ ରହିବ ନାହିଁ। ମଝିରେ ଯାହା ପରିଦୃଷ୍ଟ ହେଉଛି ତାହା କେବଳ ଆପାତ ସତ୍ୟ ହୋଇପାରେ। ଏହା ସାମୟିକ ଏବଂ ସୀମିତ। ଅପରିବର୍ତ୍ତନୀୟ ହୋଇପାରିବ ନାହିଁ। ଏହି ସବୁ ମାର୍ଗରେ ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ମାଟିରେ ତିଆରି ଗୋଟିଏ ପାତ୍ର ନାମରୂପ ଗ୍ରହଣ କରି ପାତ୍ର ରୂପରେ କିଛି କ୍ଷଣ ରହୁଛି ଏବଂ ପୁନଶ୍ଚ ମୃତ ପ୍ରକୃତି ଧାରଣ କରୁଛି। ପାତ୍ର ହେଉଛି କେବଳ କୃତ୍ରିମ ଉପାୟରେ ଏହାକୁ ନାମ ରୂପ ପ୍ରଦାନ କରାଯାଇଛି। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ, ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସଂପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସଂପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତ ବା ଆତ୍ମା ଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିଦୁଏ ହେଲେ ନିଚ୍ଛକ ସୁଖ ମିଳିବ ନାହିଁ। ମଣିଷ ମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେଡ଼ା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

**ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ) ଜୟପୁର ଡିଭିଜନ, ଦୂରଭାଷ : ୯୪୩୭୨୫୭୧୨୩**

# ଜୀବନ ଚଳଣୀର ମୂଳ ମନ୍ତ୍ର

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଜୀବନ କ'ଣ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧ୍ୟାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠାକରୁନାହିଁ। ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା। ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି। ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି। ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି। ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି। ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ। ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ। ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ। ନିଜପାଇଁ ସଂଗ୍ରହ କରୁଛେ। ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ। ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା। ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ। ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ। ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି। ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ। ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ। ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍।

ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି। ଅତୀତରେ ସେପରି ବି ହେଉଥିଲା। ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ। ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା। ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି। ଭଲରେ ମନ୍ଦରେ ଠିଆହୁଅନ୍ତି। ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ। ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ। ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ। ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ। କାହାର ଠିକଣା କେହି ରଖେନାହିଁ। ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ। ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମୀୟତା ଭାବ। ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ। ଚିନ୍ତାମୁକ୍ତ ହୁଏ। ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ। ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି। ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ। ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ। ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ। କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ। ସେ ନିରବରେ ବସିଥାଆନ୍ତି। ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର। ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ। କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ। ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ। ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ। ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର। ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ। ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର।

ଅଧକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ମନ ମୋହର ଶ୍ରେଷ୍ଠ ଗୁରୁ

**॥ ପ୍ରଦୀପ୍ତ କୁମାର ମିଶ୍ର ॥**

ଏକଦା ଯଦି ପ୍ରଶ୍ନ କରାଯାଏ ଏ ପୃଥିବୀରେ ସବୁଠାରୁ କ୍ଷିପ୍ର କିଏ,ତେବେ ତାର ଉତ୍ତର କେବଳ ମନ ହିଁ ଆସିବ। ମଣିଷର ମନ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସବୁଠାରୁ ଚଳଚଞ୍ଚଳ ଏକଥା ସମସ୍ତେ ସ୍ୱୀକାର କରିବେ। ତେବେ ଏହି ମନର ଶକ୍ତିକୁ ପରିବର୍ଦ୍ଧିତ କରି ଜଣେ ମହାପୁରୁଷ ଆଖ୍ୟା ପାଇଥାଏ। ମଣିଷ ପାଇଁ ଏହି ମନ ହିଁ ଈଶ୍ୱରଙ୍କର ଶ୍ରେଷ୍ଠ ଆଶୀର୍ବାଦ। ଏଇଠି ଅଛି ପୁଣି ଏଇଠି ନାହିଁ କେଳ ଏହି ମନ। ମନନଶୀଳ ହେଲେ ସବୁଭଲ ମନକୁ ଆୟତ୍ତରେ ନରଖି ପାରିଲେ ସବୁ କେମିତି ଅବାସ୍ତବ ହୋଇଯାଏ। ମନର ପରିବର୍ତ୍ତନ ହେଲେ ସୁନା, ପିତ୍ତଳ ହୋଇଯାଏ, ମନ ରହିଗଲେ ଗଡ଼ିଆ ପାଣି ଗଙ୍ଗାଜଳ ହୋଇଯାଏ। ତେବେ ଏଥିରୁ ସ୍ପଷ୍ଟ ମନହିଁ ସବୁକିଛି ଓ ମନର ମୁଳରେ ହିଁ ଏ ସାରା ଜଗତ।

ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଅର୍ଜୁନଙ୍କ ରଥରେ ଭଗବାନ ଶ୍ରୀକୃଷ୍ଣ ସାରଥୀ ଥାଆନ୍ତି। ଏହି ସମୟରେ ଯୁଦ୍ଧକ୍ଷେତ୍ରରେ ସମସ୍ତ ନିଜଲୋକ ସଖା ସହୋଦରଙ୍କୁ ଯୁଦ୍ଧରେ ଅବତୀର୍ଣ୍ଣ ହେବାର ଦେଖି ଅର୍ଜୁନଙ୍କର ମନରେ ବିଷାଦ ଭରିଗଲା। ଏ ଯୁଦ୍ଧକଣ ରୋକି ହେବ ନାହିଁ ବୋଲି ତାଙ୍କମନରେ ସଂଶୟ ଭରିଗଲା। ସେ ତାଙ୍କର ଗାଣ୍ଡିବ ଥୋଇଦେଇ ଅନ୍ୟମନସ୍କ ହୋଇଗଲେ। କୃଷ୍ଣ ଏହାର କାରଣ ପଚାରନ୍ତେ ସେ ଯୁଦ୍ଧକଣ ଏକାନ୍ତ ଆବଶ୍ୟକ ଏହାର ଅନ୍ୟ କିଛି ପଦକ୍ଷେପ ନାହିଁ। ତେବେ ମୁଁ ମୋରି ନିଜମାନଙ୍କ ସହ ଯୁଦ୍ଧ ଅବା କେମିତି କରିପାରିବି। ବାଧହୋଇ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ ତାଙ୍କର ଅତୀତର ତିକ୍ତ ଅନୁଭୂତି କଥା ସୁଝାଇଦେଲେ। କିନ୍ତୁ ତଥାପି ଅର୍ଜୁନଙ୍କ ମୋହଭଙ୍ଗ ହୋଇପାରିନଥିଲା ତେବେ ତାହାପରେ ସେ ବିଶ୍ୱରୂପ ଦେଖାଇଥିଲେ। ସେହି ବିଶ୍ୱରୂପ ଦେଖି ଅର୍ଜୁନଙ୍କର ସଚେତନ ହୋଇଥିଲେ। ତେବେ ମନକୁ ଶାନ୍ତସରଳ ରଖିପାରିଲେ ଅନେକ ବଡ ବଡ କଥା ଛୋଟ ହୋଇଯାଏ। ଅନେକ



ମତାନ୍ତର ମନାନ୍ତରକୁ ଏଡ଼ାଇ ସବୁଗୁଡିକ ସହଜଢଙ୍ଗରେ କରିହୁଏ।

ଏହିମନକୁ ନେଇ ଯେତେ ମହାପୁରୁଷ ମାନେ ନିଜକୁ ଶାନ୍ତ ସ୍ୱଭାବର ରଖି ଅନେକ ଅସାଧକୁ ସାଧ କରିପାରିଥିଲେ। ସାଧନା ପାଇଁ ଗୋଟିଏ ଉନ୍ନତ ମନର ଆବଶ୍ୟକତା ଥାଏ। ତେଣୁ ମନର ଶାନ୍ତିହିଁ ପରମ ଗୁଣର ଆବାହକ। ମଣିଷର ମନ ଏକ ଆଶ୍ଚର୍ଯ୍ୟ ସମ୍ପଦ ଏହାର ନିୟନ୍ତ୍ରଣ ମଣିଷର ଶ୍ରେଷ୍ଠ ଗୁଣର ପରିଚୟକ ଏହାର ସନ୍ଦେହ ନାହିଁ।

**ଅରେଇ, ଯାଜପୁର ୯୬୫୮୬୨୪୭୨୮**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବିଦ୍ୟାଳୟ ଦ୍ୱାରା ସରକାରଙ୍କ ନିୟମକୁ ଅବମାନନା

ଦଶପଲ୍ଲା, (ମହାଭାରତ): ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସରକାର ମିଡ଼ ଡେ ମିଲର ବ୍ୟବସ୍ଥା କରିଛନ୍ତି। ପ୍ରତି ସ୍କୁଲରେ ଏହି ମିଡ଼ ଡେ ମିଲ ସବୁ ପିଲାଙ୍କୁ ଦିଆଯାଉଛି। ପୃଷ୍ଟିକର ଖାଦ୍ୟ ମଧ ପ୍ରଦାନ କରାଯାଉଛି। ହେଲେ ଖାଦ୍ୟକୁ ପିଲାମାନେ ନ ଖାଇ ଖାଇଛୁଟି ରେ ଗେଟ ବାହାରକୁ ଆସି ବାହାର ଜଳଖିଆ ଖାଇବା ଖାଉଛନ୍ତି। ଏଭଳି ପରିସ୍ଥିତି ଦେଖାଯାଇଛି ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ପିଏମଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ। ଖାଇଛୁଟିରେ ଛାତ୍ର ଛାତ୍ରୀ ଗେଟ ବାହାରକୁ ଆସି ବାହାର ଜଳଖିଆ ଖାଉଛନ୍ତି। ଏତିକି ନୁହେଁ ଦଶପଲ୍ଲା ଗଣିଆ ମୁଖ୍ୟ ରାସ୍ତାରେ ଅନେକ ଗାଡି ମଟର ଯିବା ଆସିବା କରୁଛି। ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାମାନଙ୍କୁ ବାହାରକୁ ଛାଡ଼ିବା କେତେଦୂର ଠିକ ତାହା ଉତ୍ତର କାହା ପାଖରେ ନାହିଁ। ଏଭଳି ଅନେକ ବିଦ୍ୟାଳୟରେ ମଧ ଦେଖିବାକୁ ମିଳୁଛି। ଏଣୁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଆଲୋଚନା ହେଉଛି।

# ଏୟାରଷ୍ଟ୍ରିପ ପାଇଁ ବଢ଼ିଲା ବଜେଟ: ନୂତନ ରୂପରେ ସଜେଇ ହେବ କେନ୍ଦୁଝର ଏୟାରଷ୍ଟ୍ରିପ



କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲ୍ଲାର ଅଭିଭକ୍ତ ରାଇସୁଆଁ ପଞ୍ଚାୟତ ତଥା ଏବେର ଗୋପିନାଥପୁର ପଞ୍ଚାୟତ ରେ ଥିବା ଏୟାରଷ୍ଟ୍ରିପ ୬୦ ଦଶକରେ ନିର୍ମାଣ କରାଯାଇଥିଲା। ଏହି ପୁରାତନ ଏୟାର ଷ୍ଟ୍ରିପ ର ଉନ୍ନତି କରଣ ପାଇଁ ଅନେକ ଆଗରୁ ଦାବି ହୋଇ ଆସୁଥିବା ବେଳେ କିଛି ବର୍ଷ ପୂର୍ବରୁ ଉନ୍ନତି କରଣ ପାଇଁ ସର୍ଭେ ହୋଇ ଥିଲା କିନ୍ତୁ ଏହା ଫାଇଲରେ ସିମିତ ରହିଥିଲା। ଚମ୍ପୁଆ ବିଧାୟକ ସନାତନ ମହାକୁଡ ମୂଖ୍ୟମନ୍ତ୍ରୀ ନିକଟରେ ଓ ବିଭିନ୍ନ ରାଜନୈତିକ ସଭାରେ ବାରମ୍ବାର ଏହାର ଉନ୍ନତିକରଣ ପାଇଁ ଦାବି କରି ଆସୁଥିଲେ। ଏବେ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବାପରେ ଏଥିରେ ମୋହର ଲାଗିଛି । ଏବେ ଲାଗୁଛି ଏହି ପୁରାତନ ଏୟାରଷ୍ଟ୍ରିପ ନୂତନ ରୁପନେବ ଯାହା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହାର ଉନ୍ନତି କରଣ ପାଇଁ ହୋଇଥିବା ବ୍ୟୟ ବରାଦ ପୂର୍ବ ଅପେକ୍ଷା ବଢ଼ିଛି। ପୂର୍ବରୁ ଏହି ଏୟାର ଷ୍ଟ୍ରିପ୍ ପାଇଁ ୧୦୩ କୋଟି ଟଙ୍କାର ବ୍ୟୟ ଅଟକଳ ଥିବାବେଳେ ଏବେ ଏହ ବଜେଟ ବଢ଼ିବା ପରେ ୧୧୨ କୋଟି ଟଙ୍କାରେ ପହଂଚିଛି। ଅପରପକ୍ଷରେ ଏହି ଏୟାର ଷ୍ଟ୍ରିପ ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ପାଇଁ ପରିବହନ ବିଭାଗକୁ ଚିଠି ହୋଇଥିବା ବେଳେ ଖୁବଶୀଘ୍ର ଟେଣ୍ଡର ପ୍ରକ୍ରିୟାର ଆରମ୍ଭ ହେବ ବୋଲି ଜଣାଯାଇଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ଚିଠି ନମ୍ବର-୫୩୨୧/ ୧.୫.୨୫ ଅନୁସାରେ, କେନ୍ଦୁଝର ଅଭିଭକ୍ତ ରାଇସୁଆଁ ଏବେକାର ଗୋପିନାଥପୁର ଠାରେ ଥିବା ଏୟାରଷ୍ଟ୍ରିପ୍‌କୁ ୨-ବି କ୍ୟାଟାଗୋରୀ ଏୟାରଷ୍ଟ୍ରିପ୍ କରିବାକୁ ପ୍ରଥମେ ୧୦୩ କୋଟି ୫ ଲକ୍ଷ ୭୯ ହଜାର ୫୦୦ ଟଙ୍କାର ପ୍ରସ୍ତାବକୁ ମଂଜୁରରି ମିଳିଥିଲା। ଏହ ମଂଜୁରୀ ଅନୁସାରେ, ରନୱେ, ଟାକ୍ସିୱେ, ପାର୍କିଂ, ପ୍ରବେଶ ରାସ୍ତା, ସଂଯୋଗୀ କରଣ ରାସ୍ତା ନିର୍ମାଣ ପାଇଁ ୨୫ କୋଟି ୩୨ ଲକ୍ଷ ୭୧ ହଜାର ୨୩୬ ଟଙ୍କା ଖର୍ଚ୍ଚ ହେବ। ସେହିପରି ସୁରକ୍ଷ ବାଡ, ଡ୍ରେନ, କଲଭର୍ଟ ନିମାଣ ପାଇଁ ୬ କୋଟି ୪୩ ଲକ୍ଷ ୯୩ ହଜାର ୫୩୧ ଟଙ୍କା ଖର୍ଚ୍ଚ ହେବ। ଟର୍ମିନାଲ ବିଲଡିଙ୍ଗ, ବାରାକ ବିଲଡିଙ୍ଗ, ୱାଚ ଟାୱାର, ଫାୟାର ଷ୍ଟେସନ, ହସ୍ପିଟାଲ ନିର୍ମାଣ ପାଇଁ ୧୯ କୋଟି ୨୯ ଲକ୍ଷ ୨୨ ହଜାର ୭୨୯ ଟଙ୍କାଖର୍ଚ୍ଚ ହେବ। ଏହି ଅଂଚଳ ମଧ୍ୟରେ ଥିବା ସଦର ପୋଲିସ ଷ୍ଟେସନକୁ ସ୍ଥାନାନ୍ତର କରାଯିବାର ପ୍ରସ୍ତାବ ଅଛି। ଏହି ପୋଲସ ଷ୍ଟେସନ ଭାଙ୍ଗିବା ଏବଂ ପୁଣି ନିର୍ମାଣ କରିବା ବାଦରେ ୬ କୋଟି ଟଙ୍କା ଖର୍ଚ୍ଚ ହବାକୁ ଥିବା ବେଳେ ଲାଇଟ୍, ସାଇନ୍‌ଏଜ୍ ଆଦି ପାଇଁ ୨ କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହବ ବୋଲି ବ୍ୟୟ ବରାଦ ହୋଇଥିଲା। କିନ୍ତୁ ଏବେ ଜମିର ମୂଲ୍ୟବୃଦ୍ଧି ଏଂବ ଆନୁସଙ୍ଗିକ ମୂଲ୍ୟ ବୃଦ୍ଧି ପାଇଁ ଏବେ ଏହାର ବ୍ୟୟ ଅଟକଳ ବୃଦ୍ଧି ପାଇଛି। ଏହି ବ୍ୟୟ ଅଟକଳ ବୃଦ୍ଧି ହୋଇ ମୋଟ ୧୧୨ କୋଟି ୩୮ ଲକ୍ଷ ୭୦ ହଜାର ୫୦୦ ଟଙ୍କା ଧାର୍ଯ୍ୟ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ଏହି ଏୟାରଷ୍ଟ୍ରିପ ଟି ୬୦ ଦଶକରେ ହୋଇଥିବା ବେଳେ ପ୍ରାରମ୍ଭିକ ସ୍ତରରେ ଏହା ସଂପୂର୍ଣ୍ଣ ମାଟି ମୋରମରେ ନିର୍ମିତ ହୋଇଥିଲା । ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନରେ ଥିବା ଏହି ଏୟାରଷ୍ଟ୍ରିପ ୩୮.୦୫ ଏକର ପରିମିତ ଜମିରେ ନିର୍ମିତ ହୋଇଛି । ଏହାର ଲମ୍ବ ୧ କିଲୋମିଟର ହୋଇଥିବାବେଳେ ରନୱେର ଲମ୍ବ ୩୦୧୫ ଫୁଟ(୯୨୦ମିଟର) ଓ ପ୍ରସ୍ଥ ୯୮ ଫୁଟ(୩୦ମିଟର) ବିଶିଷ୍ଟ ବୋଲି ଜଣାଯାଇଛି। ତେବେ କେବେ କେନ୍ଦୁଝର ର ଗର୍ବ ଏହି ପୁରାତନ ଏୟାର ଷ୍ଟ୍ରିପ ର ନବକଳେବର କାର୍ଯ୍ୟ ସଂପୁର୍ଣ୍ଣ ଦେଉଛି ତାହା ନେଇ ବୁଦ୍ଧିଜୀବୀ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି।

## ବ୍ଲକ ଅଧକ୍ଷାଙ୍କୁ ବିଡ଼ିଓଙ୍କ ଧମକ,ଥାନାର ଦ୍ୱାରସ୍ଥ ହେଲେ ଅଧକ୍ଷା

ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀର ହିନ୍ଦୋଳ ବ୍ଲକ ଅଧକ୍ଷାଙ୍କୁ ବିଡ଼ିଓ ଜାତିଗତ ଆକ୍ଷେପ କରିବା ସହ ଧମକ ଦେବାକୁ ନେଇ ଥାନାରେ ଅଧକ୍ଷାଙ୍କ ଅଭିଯୋଗକୁ ନେଇ ହିନ୍ଦୋଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ହିନ୍ଦୋଳ ବ୍ଲକ ଅଧକ୍ଷା ସସ୍ମିତାରାଣୀ ନାୟକଙ୍କ ଅଭିଯୋଗକ୍ରମେ ବିଭିନ୍ନ କାର୍ଯ୍ୟସମ୍ପର୍କରେ ଆଲୋଚନା କରିବାକୁ ବିଡ଼ିଓ କଲ୍ୟାଣ ସୌରଭ ଦାସଙ୍କ ଅଫିସ ଚ୍ୟାମ୍ବରକୁ ଅପରାହ୍ଣ ୪.୩୦ଟା ବେଳେ ଯାଇଥିବାବେଳେ ଅଧକ୍ଷା ବିଡ଼ିଓଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ହୋଇସାରିଥିବା କାର୍ଯ୍ୟଗୁଡିକର ବିଲ ପେମେଣ୍ଟ ହେଉନି, କାର୍ଯ୍ୟ ନହୋଇ କିପରି ବିଲ ହେଉଛି ଏବଂ ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନାରେ ତୁରନ୍ତ କାର୍ଯ୍ୟ ସମ୍ପର୍ଣ୍ଣ କରାଯାଉ, କାହିଁକି ଏନଆରଜିଏସ, ଆବାସଯୋଜନା, ଅନ୍ତୋଦୟବାସଗୃହ ଇତ୍ୟାଦିସହ ବିଭିନ୍ନ ଯୋଜନାରେ କାହିଁକି ଅର୍ଥ ଆଦାୟ ହେଉଛି ଇତ୍ୟାଦି ଭଦ୍ରାମି ସହକାରେ ପଚାରିବାରୁ ବିଡ଼ିଓ କଲ୍ୟାଣ ସୌରଭ ଦାସ ହଟାତ ଉତକ୍ଷିପିତ ହୋଇ ଅଧକ୍ଷା(ଯିଏକି ଅନୁସୂଚିତଜାତିର ମହିଳା ପ୍ରତିନିଧି)ଙ୍କୁ ଜାତିଗତ ଆକ୍ଷେପ କରି ବିଭିନ୍ନ ଅଶ୍ଳୀଳଭାଷାରେ ଗାଳିଗୁଲଜ ଅପମାନିତ କରିଥିଲେ। ଏହି ଘଟଣା ସମୟରେ ଅଧକ୍ଷାଙ୍କ ସ୍ୱାମି ପ୍ରଶାନ୍ତ ନାୟକ, ଠୋକର ସରପଞ୍ଚଙ୍କ ସ୍ୱାମୀ ବୁଲୁ,ବାବନ୍ଧ ସରପଞ୍ଚଙ୍କ ସ୍ୱାମି ରାଜେଶ,କୁଟୁଣିଆ ହେମନ୍ତ ସାହୁ ଓ କୁଟୁଣିଆ ସରପଞ୍ଚ ଉପସ୍ଥିତ ଥିଲେ ବୋଲି ଅଧକ୍ଷା ତାଙ୍କ ଏତଲାରେ ଅଭିଯୋଗ କରିଛନ୍ତି। ତେବେ ହିନ୍ଦୋଳବ୍ଲକର ପ୍ରତିନିଧିତ୍ୱ କରିଥିବା ଜଣେ ଅନୁସୂଚିତବର୍ଗର ମହିଳା ଅଧକ୍ଷାଙ୍କୁ ହିନ୍ଦୋଳ ବିଡ଼ିଓଙ୍କର ଏପରି ଅଶାଳୀନ କଟୁଭାଷା ପ୍ରୟୋଗ ଯଦି ସତ ହୋଇଥାଏ ତେବେ ଏହା ଘୋର ନିନ୍ଦନୀୟ କହି ହିନ୍ଦୋଳ ଜନସାଧାରଣ ଘୋର ନିନ୍ଦା କରିଛନ୍ତି ଏବଂ ହିନ୍ଦୋଳ ବ୍ଲକର କିଏ ସେହି ପ୍ରଭାବଶାଳୀ ଯିଏ ସମସ୍ତ ଘଟଣାରେ ହସ୍ତକ୍ଷେପ କରନ୍ତି ଏବଂ ସର୍ବୋପରି କେଉଁ ପ୍ରଭାବଶାଳୀଙ୍କ ବଳରେ ହିନ୍ଦୋଳ ବିଡ଼ିଓ ବଳଶାଳୀ ହୋଇ ନିର୍ବାଚିତ ପ୍ରତିନିଧିଙ୍କୁ ମଧ ପର୍ଯ୍ୟାୟ ନକରି ମନଇଚ୍ଛା କାର୍ଯ୍ୟ କରୁଛନ୍ତି ତାହା ଲୋକଲୋଚନକୁ ଅଣାଯାଉ ଏବଂ ହିନ୍ଦୋଳ ବ୍ଲକରେ ହେଉଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ଜନସାଧାରଣ ଦାବି କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ପୋଲିସ କିପରି ନ୍ୟାୟ ଦେଉଛି ଏବଂ ସରକାର କଣ ପଦକ୍ଷେପ ନେଉଛନ୍ତି।

## ପାରାଦୀପ କଂଗ୍ରେସ ପକ୍ଷରୁ ସଂଗଠନ ଶୃଜନ ଅଭିଯାନ



ପାରାଦୀପ, (ମହାଭାରତ): ସାରା ଦେଶ ତଥା ରାଜ୍ୟରେ ଜାତୀୟ କଂଗ୍ରେସ ତାର ସଂଗଠନ ସୁଦୃଢ କରିବାରେ ଲାଗି ପଡ଼ିଥିବା ବେଳେ ସମ୍ପ୍ରତି ଆରମ୍ଭ କରିଛି 'ସଂଗଠନ ଶୃଜନ ଅଭିଯାନ । ଏହି ପରିପ୍ରେକ୍ଷୀରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ସ୍ଥାନୀୟ ମୁନିସିପାଲିଟି କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଅପରାହ୍ଣରେ 'ସଂଗଠନ ଶୃଜନ ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେରଳ ର ପୂର୍ବତନ ମନ୍ତ୍ରୀ ତଥା 'ସଂଗଠନ ଶୃଜନ ଅଭିଯାନ' ର ଏଆଇସିସି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଆଡ଼ଭୋକେଟ ଏନ.ଲିଜୁ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କଂଗ୍ରେସ ନେତା ତଥା କର୍ମୀ ମାନଙ୍କୁ କଂଗ୍ରେସର ସଂଗଠନକୁ ତୃଣମୂଳ ସ୍ତରରେ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପିସିସି ଓବିସି ସେଲର ଆବାହକ ରାଜକିଶୋର ବାରିକ,କଂଗ୍ରେସ ଜଗତସିଂହପୁର ଜିଲ୍ଲା ସଂଯୋଜକ ନଟବର ବାରିକ, ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ ଏବଂ ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଦେଶରେ କଂଗ୍ରେସ ଦଳକୁ ସୁଦୃଢତା ଉପରେ ଆଲୋକପାତ କରିଥିଲେ । ତେବେ ସୂଚନାଥାଉକି ସମ୍ପ୍ରତି କଂଗ୍ରେସ ନେତା ନିରଞ୍ଜନ ନାୟକ ନେତୃତ୍ୱରେ ପାରାଦୀପ ତଥା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ସଂଗଠନ ସ୍ଥିତିରେ ସୁଧାର ହୋଇ ଚାଲିଛି ।

# ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ



ପାରାଦୀପ, (ମହାଭାରତ): ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆସନ୍ତା ସେପଟ୍ଟେମ୍ବର ୧୭ ତାରିଖରେ ଦୀର୍ଘ ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଛି । ପୂଜା ମହୋତ୍ସବ ଯେତିକି ପାଖେଇ ଆସୁଛି ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରତିକୂଳ ପାଗ ସ୍ୱତେ ପ୍ରସ୍ତୁତି ଜୋରଦାର ହୋଇଛି। ତେବେ ଶାନ୍ତି ଶୃଙ୍ଖଳା ଏବଂ ସଫଳତାର ସହ ଏହି ମହୋତ୍ସବ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ସମୀକ୍ଷା ପାଇଁ ବୁଧବାର ସନ୍ଧ୍ୟାରେ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କରଙ୍କ ଅଧକ୍ଷତାରେ ପାରାଦୀପ ଆଦର୍ଶ ଥାନା ପରିସରରେ ଏକ ବିସ୍ତୃତ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା । ଏହି ଅବସରରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରାଦୀପ ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର, ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ, ମେରାଇନ ଥାନା ଅଧିକାରିଣୀ କଲ୍ୟାଣମୟୀ କ୍ଷେଣ୍ଡ ଓ ବବିତା ଦେଉରୀ ପ୍ରମୁଖଙ୍କ ସମେତ ବିଭିନ୍ନ ପୂଜା କମିଟି ର ପ୍ରତିନିଧି ମାନେ ଉପସ୍ଥିତ ରହି ବିଭିନ୍ନ ପୂଜା ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ପୂଜାରେ ଗମନାଗମନ ସୁବିଧା ପାଇଁ ଅଠରବାଙ୍କି ଠାରୁ ଦୋଛକି ପର୍ଯ୍ୟନ୍ତ ଜାତୀୟ ଓ ରାଜ୍ୟ ରାଜପଥକୁ ଯୁଦ୍ଧ କାଳୀନ ଭିତିରେ ମରାମତି କରାଯିବାକୁ ନେଇ ବିବିଏମଏସ ୟୁନିୟନ ପୂଜା କମିଟିର ସଭାପତି ରାକେଶ କୁମାର ପଟ୍ଟନାୟକ ପ୍ରସ୍ତାବ ଦେଇଥିଲେ । ସେହିପରି ପୌରାଧକ୍ଷ ଶ୍ରୀ ବିଶ୍ୱାଳ ପରିବେଶ ସ୍ୱଚ୍ଛ ରଖିବା ସହିତ ପ୍ଲାଷ୍ଟିକ ଜିନିଷ ବ୍ୟବହାର ନକରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯିବା ନେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ କର ସୂଚନା ସୂଚନା ପ୍ରଦାନ କରିଥିଲେ। ତେବେ ଚଳିତ ବର୍ଷ ପୂଜା ମହୋତ୍ସବରେ ଅଧିକ ଜନସମାଗମ କୁ ଦୃଷ୍ଟିରେ ରଖି ପୋଲିସ, ଜିଲ୍ଲା ଓ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବେଳେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସକ୍ରିୟ ସହଯୋଗ କରାଯାଉଛି। ସେହିପରି ସପ୍ତାହ ବ୍ୟାପି ପୂଜା ମହୋତ୍ସବର ନିୟମିତ ଖବର ପ୍ରସାରଣ ପାଇଁ ସିନେମା ହଲ ନିକଟରେ ଏକ ସାମ୍ବାଦିକ ପ୍ରକୋଷ୍ଠ ଖୋଲାଯିବାର ବ୍ୟବସ୍ଥା ହୋଇଛି ।

## ଏମ ରାମପୁରକୁ ଏନ୍‌ଏସି ଓ ସବଡିଭିଜନ ଘୋଷଣା ଦାବିରେ ଆନ୍ଦୋଳନ ତେଜିଲା



କଳାହାଣ୍ଡି, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୟପାଟଣା ଓ ନର୍ଲାକୁ ୩୧ ତାରିଖ ସରକାର ଏନ୍ ଏ ସି ଘୋଷଣା କରିଥିବା ବେଳେ ଏମ୍ ରାମପୁର ତାଲିକାରୁ ବାଦ୍ ପଡିଛି। ପୂର୍ବ ସରକାର ଏମ୍ ରାମପୁରକୁ ଭୌଗଳିକ ଦୃଷ୍ଟି କୋଣରୁ ଦେଖି ଏନ୍ ଏ ସି ଘୋଷଣା କରିଥିଲେ। ହେଲେ ବର୍ତ୍ତମାନର ସରକାର ପ୍ରଥମ ପର୍ଯ୍ୟାୟରେ ୧୨ ଗୋଟ ଓ ଦ୍ୱିତୀୟ ପର୍ଯ୍ୟାୟରେ ରବିବାର ସରକାର ୭ଗୋଟି ଏନ୍‌ଏସି ଘୋଷଣା କରିଛନ୍ତି। ହେଲେ ସେଥିରୁ ଏମ୍ ରାମପୁର ବାଦ୍ ପଡିଛି। ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଆନ୍ଦୋଳନ ଦେଖାଦେଇଛି ତେଣୁ ଏମ୍ ରାମପୁରକୁ ଏନ୍‌ଏସି ଓ ରାଜସ୍ୱ ସବ୍ ଡିଭିଜନ ମାନ୍ୟତା ଦାବି କରିଛନ୍ତି ଯେହେତୁ ଏମ ରାମପୁରରେ ପୂର୍ତ୍ତବିଭାଗ ସବଡିଭିଜନ, କ୍ଷୁଦ୍ର ଜଳସେଚନ ବିଭାଗ ସବଡିଭିଜନ, ଉଠାଜଳସେଚନ ସବଡିଭିଜନ, ଉତେଇ ଜଳସେଚନ ବିଭାଗ ସବଡିଭିଜନ, କେନ୍ଦୁଲିପ ସବଡିଭିଜନ, ଜେଏମଏଫସି କୋର୍ଟ, ସବ୍‌ଜେଲ, ସବଟ୍ରେଜେରି, ସବରେଜିଷ୍ଟ୍ରାର, କଳାହାଣ୍ଡି ଜିଲ୍ଲା ସର୍ବପୁରାତନ ତହସିଲ କାର୍ଯ୍ୟାଳୟ ରହିଛି ଏହାକୁ ନେଇ ଏମ୍ ରାମପୁରବାସୀ। ଆଜି ଏମ୍ ରାମପୁର ବନ୍ଦ ଡାକରା ମଧ ଦେଇଛନ୍ତି। ଯଦି ଆଗାମୀ ଦିନରେ ଏମ୍ ରାମପୁରକୁ ଏନ୍‌ଏସି, ରାଜସ୍ୱ ସବ୍ ଡିଭିଜନ ମାନ୍ୟତା ଦିଆନଗଲେ ଆନ୍ଦୋଳନ କୁ ତୀବ୍ରତର କରାଯିବ ବୋଲି ଏମ ରାମପୁର ଅଞ୍ଚଳ ବାସୀ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି।

# ମାଉସୀ ଘରେ ପୁତୁରାର ସନ୍ଦେହଜନକ ମୃତ୍ୟୁ

ଅସ୍ତରଙ୍ଗ, (ମହାଭାରତ): ଅସ୍ତରଙ୍ଗ ଥାନା ଅନ୍ତର୍ଗତ ସାନସିରେଇ ଗ୍ରାମରେ ମାଉସି ଘରେ ଯୁବକଙ୍କ ମୃତ୍ୟୁକୁ ନେଇ ଯୁବକଙ୍କ ପରିବାର ଲୋକେ ଆଣୁଛନ୍ତି ହତ୍ୟା ଅଭିଯୋଗ। ଘଟଣା ଅନୁଯାଇ ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଉଦୟପୁର ଗ୍ରାମର ହରିହର ପ୍ରଧାନଙ୍କ ଏକମାତ୍ର ପୁଅ ବୁଦ୍ଧେଶ୍ୱର ପ୍ରଧାନ ଦୀର୍ଘ ଦିନ ଧରି ବମ୍ବେରେ ଦାଦନ କାମ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ହଠାତ୍ ବୁଦ୍ଧେଶ୍ୱର ନିଜ ଘରେ କାହାକୁ କିଛି ନ ଜଣାଇ ନିଜ ସାନସିରେଇ ରେ ରହୁଥିବା ରବୀନ୍ଦ୍ର ସାହୁ ମଉସା ଙ୍କ ଗ୍ରାମ କୁ ବୁଧବାର ଦିବା ୧୧ ଘଟିକା ରେ ବାଙ୍ଗୁରୀ ଗାଁ ରୁ ନିଜ ମଉସା ପୁଅ ଭାଇ ସୁନୀଲ ସାହୁଙ୍କ ସହ ଆସିଥିଲେ। କିନ୍ତୁ ଭୋର ୪ ଟାରେ ତାଙ୍କର ମାଉସୀ ପୁଅ ସୁନୀଲ ସାହୁ ପରିସ୍ରା କରିବାକୁ ବାହାରକୁ ଆସି ବୁଦ୍ଧିଆ ଙ୍କୁ ନିଜ ଘର ବାଡ଼ି ପଟେ ଏକ ଭଣ୍ଡା ଗଛରେ ସନ୍ଦେହ ଜନକ ଭାବେ ଦୁଇ ଗୋଟି ଗାମୁଛାରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା ସେ ଗାମୁଛା ଖୋଲି ଥିଲେ ଆଉ ହଠାତ ସେ ତଳେ ପଡି ଯାଇଥିଲେ, ସେତେବେଳେ ତାଙ୍କ ସ୍ୱାଶ ଚାଲିଥିଲା ଆଉ ସେ ବଞ୍ଚେଇ ବାକୁ ପ୍ରୟାସ କରିଥିଲେ ମାତ୍ର ଘଟଣା ସ୍ଥଳରେ ବୁଦ୍ଧିଆଙ୍କ ମୃତ୍ୟୁ ହୋଇଥିଲା। ସୁନୀଲ ତାଙ୍କ ଦାଦା ଓ ସାନ ଭାଇଙ୍କୁ ଉଦୟପୁର ତାଙ୍କ ମଉସାଙ୍କ ଘରକୁ ପଠାଇ ଥିଲେ, କିନ୍ତୁ ଏହି ଘଟଣା କୁ ନେଇ ପରିବାର ଲୋକେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ବୁଦ୍ଧେଶ୍ୱର କାହିଁକି ନିଜ ଘରକୁ ନ ଜଣାଇ ମାଉସୀ ଘରକୁ ସୁଦୂର ବମ୍ବେରୁ ଆସିଥିଲେ ଏବଂ କିପରି ତାଙ୍କର ମୃତ୍ୟୁ ହେଲା ତାହା ଏକ ସନ୍ଦେହ ଘେରରେ ରହିଛି। ଅନ୍ୟ ପଟେ ବୁଧେଶ୍ୱର ଙ୍କ ମାଉସୀ ପୁଅ ଭାଇ ସୁନୀଲ ଯିଏ ଝୁଲନ୍ତା ଅବସ୍ଥା ରେ ତାଙ୍କୁ ଉଦ୍ଧାର କରିଥିଲେ ତାଙ୍କ କହିବା କଥା ବୁଧେଶ୍ୱରଙ୍କ ସହିତ ଏକ ଝିଅର କୌଣସି ପ୍ରେମ ସମ୍ପର୍କ ଥୀଲା, ସେ ବହୁତ ସମୟ ମୋବାଇଲରେ ଗୋଟେ ଝିଅ ସହିତ କଥା ହୁଅନ୍ତି, ହୁଏତ ପ୍ରେମ ବ୍ୟାପାର କୁ ନେଇ ଏହି ଭଳି ଘଟଣା ଘଟିଥାଇ ପାରେ। ଭଣ୍ଡା ଗଛଟି ସର୍ବଶେଷରେ ଗୋଟେ ଆକସ୍ମିକ ସନ୍ଦେହ ସୃଷ୍ଟି କରିଛି ମୃତକଙ୍କ ପରିବାର ଭିତରେ, ଜଣେ କିପରି ଭଣ୍ଡା ଗଛରେ ଗାମୁଛା ବାନ୍ଧି ଝୁଲିବ ତାହାକୁ କେହି ସହଜରେ ଗ୍ରହଣ କରିପାରୁନାହାନ୍ତି। ଯାହାକୁ ନେଇ ମୃତକଙ୍କ ବଡବାପା ପୁଅ ଭାଇ ଏହା ଏକ ଷଡଯନ୍ତ୍ର ଭିତିକ ହତ୍ୟା ବୋଲି ଅଭିଯୋଗ ଉଠାଇଛନ୍ତି। ଏହି ବାବଦରେ ଅସ୍ତରଙ୍ଗ ଥାନାରେ ମୃତକଙ୍କ ବାପା ହରିହର ପ୍ରଧାନଙ୍କ ତରଫରୁ ଏତଲା ହେବା ପରେ ଘଟଣା ସ୍ଥଳରେ ପୋଲିସ ଓ ଫରେନସିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅସ୍ତରଙ୍ଗ ପୋଲିସ ୯/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି, ତଦନ୍ତ ପରେ ଜଣାପଡିବ ଏହା ଏକ ହତ୍ୟା କି ଆତ୍ମହତ୍ୟା ।

## ଜାତୀୟ ନେତ୍ର ଦାନ ପକ୍ଷ ପାଳନ

ଦେବଗଡ, (ମହାଭାରତ): ନୂତନ ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆଜି ୪୦ ତମ ଜାତୀୟ ଚକ୍ଷୁ ଦାନ ପକ୍ଷ ପାଳନ ହୋଇଯାଇଛି। ବୈଠକରେ ଭାରପ୍ରପ୍ତ ଜିଲ୍ଲାମୁଖ୍ୟ ଚିକିତ୍ସ ଅଧିକାରୀ ଡ଼କ୍ଟର ଧନଞ୍ଜୟ ମହନ୍ତ ମୁଖ୍ୟ ଅତିଥି, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଚକ୍ଷୁ ରୋଗ ବିଶେଷଜ୍ଞ ଡ଼କ୍ଟର ଦୀପକ୍ ଜ୍ୟୋତି ମାହନ୍ତ ବରଣ୍ୟ ଅତିଥି ଯୋଗଦେଇ ଚକ୍ଷୁ ଦାନ ର ମହତ୍ତ୍ୱ ପ୍ରକ୍ରିୟା କୌଣସି ବ୍ୟକ୍ତି ଜୀବନ କାଳ ମଧ୍ୟରେ ଯେ କୌଣସି ସମୟରେ ଚକ୍ଷୁ ଦାନ ଦ୍ୱାରା ଦୁଇଜଣ ବ୍ୟକ୍ତିଙ୍କର ଅନ୍ଧତ୍ୱ ଦୂରୀଭୂତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଆଶା ଦିଦି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ସଂଯୋଜନା କରିଥିଲେ ।

## ଇଫକୋ ପାରାଦୀପ ୟୁନିଟରେ ଅନ-ସାଇଟ ଜରୁରୀକାଳୀନ ଅଭ୍ୟାସ




ପାରାଦୀପ, (ମହାଭାରତ) : ଇଫକୋ ପାରାଦୀପ ୟୁନିଟ ପରିସରରେ ଏକ ଅନ-ସାଇଟ ଜରୁରୀକାଳୀନ ଅଭ୍ୟାସ କୌଶଳ ବା ମକ ଡ୍ରିଲ ସେପଟ୍ଟେମ୍ବର ୪ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଳ୍ପ ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରସ୍ତୁତି ପ୍ରତି ଇଫକୋ ର ପ୍ରତିବଦ୍ଧତା ଦର୍ଶାଯାଇଥିଲା । ଏହି ଅଭ୍ୟାସ ମଧ୍ୟରେ ଆମୋନିଆ ଗ୍ୟାସ ଲିକ ପରିସ୍ଥିତିର ମୁକାବିଲା ଓ ନିୟନ୍ତ୍ରଣ ର ଅଭ୍ୟାସ କରାଯାଇଥିବା ବେଳେ ଏକ ସୂଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ନିରଞ୍ଜନ ବେହେରା ଯୋଗଦେଇ ଇଫକୋ ର ଜରୁରୀକାଳୀନ ପ୍ରସ୍ତୁତିକୁ ପ୍ରଶଂସା କରି ନିୟମିତ ମକ ଡ୍ରିଲ ବା ଅଭ୍ୟାସ କୌଶଳ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଫ୍ୟାକ୍ଟ୍ରି ଆଣ୍ଡ ବଏଲର ପାରାଦୀପ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ସି.ଏସ.ବେହେରା, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ପି.ସି.ବେହେରା, ପାରାଦୀପ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, କଟକ ଏନଡିଆରଏଫ ଡେପୁଟି କମାଣ୍ଡାଣ୍ଟ ଡ଼ଃ.ନବୀନ କୁମାର, ଏନଡିଆରଏଫର ଅଧିକାରୀ କେଆରଏନ ମୂର୍ତ୍ତି, ଏ.ଏନ.ଓଝା, ଆର.କେ.ସ୍ୱାଇଁ ପ୍ରମୁଖ ଯୋଗଦେଇ ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଇଫକୋ ପାରାଦୀପ ୟୁନିଟ ମୂଖ୍ୟ ପି.କେ.ମହାପାତ୍ର ପାରାଦ୍ୱୀପରେ ଶିଳ୍ପ ମାନଙ୍କର ଆନ୍ତଃ ସହଯୋଗ ଏବଂ ସାମୁହିକ ପ୍ରସ୍ତୁତିର ମୂଲ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅଭ୍ୟାସ କୌଶଳରେ ସରକାରୀ କର୍ତ୍ତୃପକ୍ଷ,ଜରୁରୀକାଳୀନ ସଂସ୍ଥା ମାନଙ୍କ ସହଯୋଗ ଓ ସହାୟତା ଏବଂ ଅଂଶଗ୍ରହଣ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ମକ ଡ୍ରିଲରେ ଇଫକୋ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସମେତ ଏନଡିଆରଏଫ, ସିଆଇଏସଏଫ, ଭାରତୀୟ ତଟ ରକ୍ଷୀ ବାହିନୀ,ଓଡିଶା ଅଗ୍ନି ସେବା, ପାରାଦୀପ ବନ୍ଦର ପ୍ରାଧିକରଣ ସମେତ ଆଖପାଖ ଶିଳ୍ପାଞ୍ଚଳର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ ।

# ଜିନ୍ଦଲ ଓ ପୋସ୍କୋ ସହ କରାଯାଇଥିବା ଏମଓୟୁ ରଦ୍ଦ




କେନ୍ଦୁଝର, (ମହାଭାରତ) : ଜିନ୍ଦଲ ଓ ପୋସ୍କୋ ସହ ହୋଇଥିବା ଏମ୍.ଓ.ୟୁ. ରଦ୍ଦ କରିବା ଦାବିରେ ଆଜି ଗୁରୁବାର ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚ ଓ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ କେନ୍ଦୁଝର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ହୋଇଯାଇଛି ।ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚ ନେତୃତ୍ୱରେ ହଜାର ହଜାର ଚାଷୀ, ମହିଳା, ଛାତ୍ର ଓ ଯୁବକ କେନ୍ଦୁଝରସ୍ଥ କରଞ୍ଜିଆ ବସଷ୍ଟାଣ୍ଡ ଠାରୁ ହାତରେ ପ୍ଲାକାର୍ଡ ଧରି ଜିନ୍ଦଲ ପୋସ୍କୋ ହଟାଅ ଭିଟାମାଟି ବଞ୍ଚାଅ, ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କର ଆଦି ସ୍ଲୋଗାନ ଦେଇ ଜିଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିକ୍ଷୋଭ ସ୍ଥଳରେ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ସଭାପତି କମ୍ରେଡ ଘନଶ୍ୟାମ ମହାନ୍ତଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ)ର ପୂର୍ବତନ ବିଧାୟକ କମ୍ରେଡ ଶମ୍ଭୁନାଥ ନଏକ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠାକୁ ଦୃଢ଼ଭାବେ ବିରୋଧ ପ୍ରକଟ କରିଥିଲେ। ଏଥିସହିତ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କର୍ପୋରେଟ ପ୍ରୀତି ନୀତି ବିରୁଦ୍ଧରେ ତତୀବ୍ର ସମାଲୋଚନା କରିବା ସହ ଆଗାମି ଦିନରେ ବିଜେପି ସରକାରଙ୍କ ଶ୍ରମିକ ଓ ଚାଷୀ ମାରଣ ନୀତି ବିରୁଦ୍ଧରେ ବିର୍ଘସ୍ଥାୟୀ ଗଣ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ । ଏହି ବିକ୍ଷୋଭ ସମାବେଶରେ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନର ରାଜ୍ୟ ସଂପାଦକ ତଥା ଜିନ୍ଦର-ପୋସ୍କୋ ପ୍ରତିରୋଧ ମଞ୍ଚର ଉପଦେଷ୍ଟା କମ୍ରେଡ ରଘୁନାଥ ଦାସ ଯୋଗ ଦେଇ ତାଙ୍କ ଭାଷଣ ପ୍ରସଙ୍ଗରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ବେକାରୀ ସମସ୍ୟା ସମାଧାନ ପାଇଁ ନିଯୁକ୍ତି ଭିତିକ ଶିଳ୍ପ କଳକାରଖାନା ସରକାରୀ ଉଦ୍ୟୋଗରେ କରାଯିବା ଆବଶ୍ୟକ । ଏଥିପାଇଁ କେନ୍ଦୁଝର ଜିଲାରେ ସରକାରଙ୍କ ହାତରେ ୩ ହଜାରୁ ଅଧିକ ଏକର ଜମି ବାଂଶପାଳ ବ୍ଲକର ତରମାକାନ୍ତ ଠାରେ ଅଛି । ଏହାଛଡା ଲୁହାପଥର ଖଣି ସଂଲଗ୍ନ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ସରକାରୀ ଜମି ରହିଛି । ସରକାର ସେଠାରେ ଜଳକାରଖାନା ନକରି ହଜାର ହଜାର ଲୋକଙ୍କୁ ବିସ୍ଥାପିତ କରି ଉର୍ବର ଚାଷ ଜମିକୁ ବଳପୂର୍ବକ ଅଧିଗ୍ରହଣ କରି କମ୍ପାନୀମାନଙ୍କୁ ଟେକିଦେବା ପାଇଁ କାହିଁକି ଯୋଜନା କରୁଛନ୍ତି ବୋଲି କମ୍ରେଡ ଦାସ ପ୍ରଶ୍ନ ଉଠାଇଛନ୍ତି ? ଏହାଦ୍ୱାରା ଡବଲ ଇଞ୍ଜିନ ବିଜେପି ସରକରଙ୍କ କମ୍ପାନିପ୍ରୀତିର ପ୍ରକୃତ ବେହେରା ଯେ ପ୍ରକାଶ ପାଉଛି, ତାହା ସ୍ପଷ୍ଟ ହେଉଛି । ସୁତରାଂ ଚାଷ ଜମି ଅଧିଗ୍ରହଣ ବନ୍ଦ କରିବା ସହ ଜିନ୍ଦଲ ଓ ପୋସ୍କୋ ସହ ହୋଇଥିବା ଏମ୍.ଓ.ୟୁ କୁ ତୁରନ୍ତ ରଦ୍ଦ କରିବା ସଙ୍ଗେ ସଙ୍ଗେ ସରକାରୀ ଉଦ୍ୟୋଗରେ ଶ୍ରମ ଭିତିକ ଓ ଖଣି ସଂଲଗ୍ନ ଅଞ୍ଚଳରେ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ପାଇଁ କମ୍ରେଡ ଦାସ ଗୁରୁତ୍ୱାରୋପ କରିଛନ୍ତି । ଏହି ବିକ୍ଷୋଭ ସଭାରେ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ସମ୍ପାଦକ କମ୍ରେଡ ବେଣୁଧର ସର୍ଦ୍ଦାର, ଉପସଭାପତି ସରୋଜ କୁମାର ସିଂହ, ପ୍ରକାଶ ମଲ୍ଲିକ୍, ରବିନ୍ଦ୍ର କୁମାର ମହାନ୍ତ ସେମାନଙ୍କ ବକ୍ତବ୍ୟରେ ରକ୍ତ ଦେବୀପଛେ ଭିଟାମାଟି ଛାଡିବୁ ନାହିଁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇନ୍ଦ୍ରମଣି ମହାନ୍ତ, ନିର୍ମଳା ନାଏକ, ଶତ୍ରୁଘ୍ନ ନାଏକ, ତ୍ରିଲୋଚନ ମହାନ୍ତ, ଲାଲମୋହନ ନାଏକ, ଲୋକନାଥ ପାତ୍ର, ଭୁବନାନନ୍ଦ ସର୍ଦ୍ଦାର, ବେଣୁଧର ନହରା, ମନରଞ୍ଜନ ମହାନ୍ତ, ରଘୁନାଥ ନାଏକ, ନେତ୍ରାନନ୍ଦ ନାଏକ, ଈଶ୍ୱର ଚନ୍ଦ୍ର ମହାନ୍ତ, ଗଣେଶ୍ୱର ନାଏକ, ଲକ୍ଷ୍ମୀପ୍ରିୟା ମହାନ୍ତ, ରାମଚନ୍ଦ୍ର ମହାନ୍ତ, ଚନ୍ଦ୍ରଭାନୁ ମହାନ୍ତ, କୈଳାସ ଚନ୍ଦ୍ର ମହାନ୍ତ, ବିଦ୍ୟାଧର ମହାନ୍ତ ଓ ମଙ୍ଗୁଳି ନାଏକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ କୌଣସି ପରିସ୍ଥିତିରେ ଭିଟାମାଟି ଓ ଚାଷଜମି ଛାଡିବୁ ନାହିଁ ଓ ଆବଶ୍ୟକ ହେଲେ ନିଜର ଜୀବନ ବିସର୍ଜନ କରିବାକୁ ପଛଘୁଞ୍ଚା ଦେବୁନାହୁଁ ବୋଲି ବଜ୍ର ସପଥ ନେଇଥିଲେ । କମ୍ରେଡ ପ୍ରକାଶ ମଲ୍ଲିକଙ୍କ ନେତୃତ୍ୱରେ, ବେଣୁଧର ସର୍ଦ୍ଦାର, ସରୋଜ କୁମାର ସିଂହ, ଭାଗବତ ମହାନ୍ତ ଆଇନଜୀବୀ ବିଷ୍ଣୁଶର୍ମା ସାହୁଙ୍କୁ ନେଇ ଗଠିତ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ସହିତ ୧୮ ଟି ଗ୍ରାମର କ୍ଷତିଗ୍ରସ୍ତ ଗ୍ରାମବାସୀମାନଙ୍କ ଦସ୍ତଖତ ପ୍ରଦାନ କରିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## କବାଡ଼ିଆ ଦୋକାନରୁ ଚୋରି ସାମଗ୍ରୀ ଜବତ ସହ ୪ ଜଣ ଗିରଫ କଲା ଅନୁଗୋଳ ପୋଲିସ




ଅନୁଗୋଳ (ମହାଭାରତ): ଅନୁଗୋଳ ସହର ଶିମିଳିପଡ଼ା ଠାରେ ଥିବା କବାଡ଼ିଆ ଦୋକାନ ଉପରେ ପୋଲିସର ଚଢ଼ାଉ କରିବା ସହ ଚୋରି ସାମଗ୍ରୀ ଜବତ କରିଛି। ଏଥିସହ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି ।ସୂଚନା ଅନୁଯାୟୀ, ଅଗଷ୍ଟ ମାସରେ ଏକ ରେଷ୍ଟୋରାରୁ ଗ୍ୟାସଚୁଲ୍ଲା, ୪ଟି ନୂଆ ସିଲଭର ହଣ୍ଡା, ଷ୍ଟିଲ ବାସନ ଆଦି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେହିପରି ପଞ୍ଚମୁଖୀ ମାର୍କେଟସ୍ଥିତ ଏକ ଦୋକାନର ଏସି ପାଇପ ବି ଚୋରି ହୋଇଥିଲା। ଅନ୍ୟପଟେ ଏକ ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଶିମିଳିପଡାର ଏକ କବାଡ଼ିଆ ଦୋକାନ ଉପରେ ଚଢ଼ାଉ କରିଥିଲା। ସେଠାରୁ ଚୋରି ସାମଗ୍ରୀ ମଧ୍ୟ ଜବତ କରିଛିୟ ଚୋରିରେ ସମ୍ପୃକ୍ତି ଅଭିଯୋଗରେ ଅମଲାପଡାର ସେଖ ଇସିଲାମ(୨୦), ସେଖ ମୁନା ଓରଫ କାଳିଆ (୨୫), ଶିମିଳିପଡାର ରିଙ୍କୁ ଓରଫ ଶୁଭ୍ରଜ୍ୟୋତି ଜେନା (୩୫) ଏବଂ କବାଡି ଦୋକାନୀ ବାବୁ ବେହେରା(୪୯)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

## ବଟକୃଷ୍ଣ ସାହାଣୀ ସ୍ମୃତି ସଂସଦ ପକ୍ଷରୁ ରକ୍ତଦାନ ଶିବିର ୩୬ ୟୁନିଟ ରକ୍ତ ସଂଗ୍ରହ



ବାଲିଚନ୍ଦ୍ରପୁର,(ନିପ୍ର) ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଜଗନ୍ନାଥ କଲ୍ୟାଣମଣ୍ଡପ ଠାରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଟକୃଷ୍ଣ ସାହାଣୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ କଟକସ୍ଥିତ କେନ୍ଦ୍ରୀୟରେଡ଼କ୍ରସ୍ ରକ୍ତ କେନ୍ଦ୍ର ଟିମ୍‌ର ଡ଼ାକ୍ତର କିଶୋର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସଂଯୋଜକ ଅବିନାଶ ଦାସ, ଏଲ୍.ଟି ସୌମ୍ୟରଞ୍ଜନ ସାହୁ, ଏଲ୍.ଏ ପ୍ରଶାନ୍ତ ବାରିକ, ମୋଟିଭେଟର ପ୍ରମୋଦ ଲେଙ୍କା, ପିତାମ୍ବର ଜେନା, କିର୍ତ୍ତନ ତନ୍ତି ପ୍ରମୁଖ ଉପସ୍ଥିତ ରହି ୩୬ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ପ୍ରତିକୂଳ ପାଗ ସତ୍ୱେ ଯେତିକି ୟୁନିଟ ରକ୍ତ ସଂଗ୍ରହ କରାଗଲା ସେଥିନେଇ ରକ୍ତ କେନ୍ଦ୍ରର ଡ଼ାକ୍ତର କିଶୋର ଚନ୍ଦ୍ର ବେହେରା ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ। ଏଥିରେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବାକୁ ଆସିଥିବା ବଡ଼ଚଣା ବିଧାୟକ ଅମର କୁମାର ନାୟକ ନିଜେ ଉତ୍ସାହିତ ହୋଇ ରକ୍ତଦାତା ସାଜିଥିଲେ। ପରେ ବାଲିଚନ୍ଦ୍ରପୁର ଥାନା ଆଇ.ଆଇ.ସି ସମରଜିତ୍ ନାୟକ ରକ୍ତଦାନ କରିଥିଲେ। ଅନ୍ୟ ପ୍ରମୁଖ ରକ୍ତାଦାତା ମାନଙ୍କ ମଧ୍ୟରେ ପ୍ରାକ୍ତନ ସମିତି ସଭ୍ୟ ଅମୀୟ କୁମାର ବିଶ୍ୱାଳ, ମୁଖ୍ୟ ଆୟୋଜକ ଅମୀୟ କୁମାର ସାହାଣୀ, ସମାଜସେବୀ ସୁରେଶ କୁମାର ବେହୁରା, ବିକାଶ ଦାସ, ସନ୍ତୋଷ ସାମଲ ପ୍ରମୁଖ ରକ୍ତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦୀଲ୍ଲିପ କୁମାର ରାଉତରାୟ, ଗୌତମ ବିଶ୍ୱାଳ ପରିଚାନଳା କରିଥିବା ବେଳେ ବାଲିଚନ୍ଦ୍ରପୁର ସରପ□ ନିରୁପମା ବଳ, ପ୍ରାକ୍ତନ ଜିଲ୍ଲା ଭାଜପା ସଭାପତି ଅଶୋକ ସାମଲ, ଉତ୍କଳ କେଶରୀ ସାମଲ, ଜିଲ୍ଲା ପରିଷଦ ଅରବିନ୍ଦ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ମାନଗୋବିନ୍ଦ ରାଉତ, ସତ୍ୟବ୍ରତ ଜେନା, ପ୍ରାକ୍ତନ ଜିଲ୍ଲା ପରିଷଦ ବିପିନ ବିହାରୀ ଜେନା, ମଣ୍ଡଳ ସଭାପତି ଅଶୋକ କୁମାର ସିଂହ, ବିଭୁତି ବଳସାମନ୍ତ, ରଶ୍ମିରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।।

## ସ୍କୁଲକୁ ଯାଉଥିବା ବେଳେ ଅଟୋ ଧକ୍କାରେ ୩ଜଣ ଗୁରୁତର

ଅନୁଗୋଳ ( ମହାଭାରତ):ବିଦ୍ୟାଳୟକୁ ପାଠ ପଢି ଯିବା ବେଳେ ଅଟୋ ଧକ୍କାରେ ୨ ଛାତ୍ର ସହ ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି । ଓଗି ଦେହୁରୀ ସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ବୋଲି ଜଣା ପଡିଛି। ସୂଚନାନୁଯାୟୀ, ଆଜି ଜରପଡ଼ା ଥାନା ଅନ୍ତର୍ଗତ ଓଗି ଦେହୁରୀ ସାହିରୁ ୨ ଜଣ ଛାତ୍ର ଜଣେ ଛାତ୍ରୀ ବିଦ୍ୟାଳୟକୁ ଚାଲି ଚାଲି ଯାଉଥିବା ବେଳେ ଅନ୍ତୁଳିଆ ଆଡୁ ଆସୁଥିବା ଅଟୋ ଛାତ୍ରଛାତ୍ରୀ ଙ୍କୁ ଧକ୍କା ଦେଇଥିବା ବେଳେ ୨ ଜଣ ଛାତ୍ର ଜଣେ ଛାତ୍ରୀ ଗୁରୁତର ହୋଇ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ତିନି ଜଣ ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା କୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ଘଟିଥିବା ସ୍ଥାନରେ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଛନ୍ତି।

## ଛାତ୍ରୀ ଙ୍କୁ ଅସଦାଚରଣ କରିବା ଘଟଣା କୋର୍ଟ ଚାଲାଣ ହେଲେ ପ୍ରଧାନ ଶିକ୍ଷକ

ଜୁନାଗଡ଼ (ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଳଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଳେନ୍ଦ୍ର ମେହେର ଙ୍କୁ ଛାତ୍ରୀ ଅସଦାଚରଣ ଅଭିଯୋଗରେ ଜୁନାଗଡ ପୋଲିସ କୋର୍ଟ ଚାଲାଣ କରିଛି । ସ୍ଥାନୀୟ ପ୍ରଧାନଶିକ୍ଷକ ଦୁଳେନ୍ଦ୍ର ମେହେର ସ୍କୁଲର କିଛି ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ଓ ବିଭିନ୍ନ ସମୟରେ ତାଙ୍କୁ ସ୍ପର୍ଶ କରୁଥିବା ନେଇଁ ଜୁନାଗଡ଼ ବିଇଓଙ୍କ ଠାରେ ଅଭିଯୋଗ ହୋଇଥିଲା।ଏହାର ତଦନ୍ତ କରିବା ପାଇଁ ମଙ୍ଗଳବାର ଦିନ ଜୁନାଗଡ଼ ଶିକ୍ଷା ବିଭାଗର ବିଆରସିସି ସୁଶାନ୍ତ ଠାକୁର,ଏ ବିଇଓ କ୍ଷୀରୋଦ ଭୋଇ, ଶିକ୍ଷୟତ୍ରୀ ଚିନ୍ମୟୀ ପରିଡା ସ୍କୁଲକୁ ଯାଇଥିଲେ। ତେବେ ଏହି ସମୟରେ ଛାତ୍ରୀଙ୍କ ଅଭିଭାବକ ଓ ଉପସ୍ଥିତ ଗ୍ରାମବାସୀ ମାନଙ୍କ ଦ୍ୱାରା ଉତ□ଜନା ସୃଷ୍ଟି ହୋଇଥିଲା ଏବଂ ପରିସ୍ଥିତି ଅଣାୟତ ହେବାରୁ ଜୁନାଗଡ଼ ବିଇଓ ତପନ ମାଝୀ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ଘଟଣା ସ୍ଥଳକୁ ପହଞ୍ଚିଥିଲା। ସ୍କୁଲର ଭିତରୁ ପ୍ରଧାନ ଶିକ୍ଷକ ମେହେରଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ଆଣି ଅଟକ ରଖିଥିଲା । ଅଭିଯୋଗକୁ ଭିତ୍ତିକରି ଥାନା ରେ କେଶ ନଂ ୫୭୭ /୨୫ ଅନୁସାରେ ମାମଲା ରୁଜୁ ହୋଇଥିଲା ।

# ଡ୍ରେନ ସୁବିଧା ନାହିଁ, ବର୍ଷା ହେଲେ ଘରେ ପଶୁଛି ପାଣି



ଅନୁଗୋଳ (ମହାଭାରତ):ହଁ ଦର୍ଶକ ବନ୍ଧୁ ପାଣି କାଦୁଅରେ ଘାଣ୍ଟି ହେଉଛନ୍ତି ଲୋକେ। ନାଁ ଶୁଣୁଛି ସରକାର ନାଁ ଶୁଣୁଛି ପ୍ରଶାସନ। ସବୁଠିକି ଗୁହାରି କରି ଗଲେ ମିଳୁଛି ମାଳ ମାଳ ପ୍ରତିଶ୍ରୁତି। କିନ୍ତୁ କାମରେ ବିଫଳ। ହଁ ଆଜ୍ଞା ଆମେ କହୁଛୁ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଏବଂ ବଅଁରପାଳ ବ୍ଲକ ଅଧୀନରେ ଥିବା କଞ୍ଚରା ପଞ୍ଚାୟତର ମଝିସାହି କଥାୟ ଯେଉଁଠି ଆଜକୁ ପ୍ରାୟ ୧୦ ବର୍ଷ ହେଲା ବର୍ଷାଦିନେ ପାଣି ଜମୁଛି । କାରଣ ହେଲା ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନେଜ ସୁବିଧା ନାହିଁ ।ଏବଂ ସେହି ରାସ୍ତାଟି କଞ୍ଚରା ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବା ବେଳେ ସେହି ରାସ୍ତାରେ ମଧ୍ୟ ସ୍କୁଲର ସମସ୍ତ ଛାତ୍ର ଛାତ୍ରୀ ଯାଉଛନ୍ତି ଏବଂ ଗ୍ରାମର ସମସ୍ତ ପ୍ରଜା ମଧ୍ୟ ଯାଉଛନ୍ତି। ଏହା ମଧ୍ୟରେ ୩ ଜଣ ସରପ□ ଗଲେଣି ଏବଂ କେତେ ବିଧାୟକ ଗଲେଣି କିନ୍ତୁ କେହି ଗୁହରିକୁ ଶୁଣୁ ନାହାଁନ୍ତି ।ଏଥିସହ କୌଣସି ପ୍ରଶାସନ ମଧ୍ୟ କିଛି ପଦକ୍ଷେପ ନେଉ ନାହାନ୍ତି । ସେହି ଅପରିଷ୍କାର ପାଣିରେ ଚାଲିବା ଦ୍ୱାରା ବହୁତ କାଛୁ କୁଣ୍ଡିଆ ହେଲାଣି, ଏବଂ ଏହା ପାଇଁ ମଧ୍ୟ ଦରଖାସ୍ତ ଦିଆ ଯାଇଛି । ପଞ୍ଚାୟତ ଠାରୁ ନେଇ ଉପର ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ ଦିଆ ଯାଇଥିବା ଗ୍ରାମବାସୀ କହିଛନ୍ତି । କିନ୍ତୁ କୌଣସି ପ୍ରଶାସନ ଏହା ଉପରେ କୌଣସି ପଦକ୍ଷେପ ନେଉ ନାହାନ୍ତି । ତେଣୁ ଏହା ପାଇଁ ଯଥାଶୀଘ୍ର କିଛି ପଦକ୍ଷେପ ନେବେ ବୋଲି କଞ୍ଚରା ଗ୍ରାମବାସୀ କହିଛନ୍ତି।

## ଗୋରୁ ଓ ମଇଁଷି ବୋଝେଇ ୫ ଗାଡି ଜବତ

# ୨୦ ଗୋରୁ ୧୭ ମଇଁଷି ଉଦ୍ଧାର,୩ ଜଣ ଡ୍ରାଇଭର ଅଟକ



କରଞ୍ଜିଆ,୦୩/୦୯ (ମହାଭାରତ) ।କୁରମୁଣ୍ଡା- କରଞ୍ଜିଆ ୫୩ ନମ୍ବର ରାଜ୍ୟ ରାଜପଥ ର କେନ୍ଦୁଜିଆଣି ତେଲ ନଦୀ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ପିକଅପ ଭ୍ୟାନ ଯୋଗେ ଗୋରୁ ଓ ମଇଁଷି ବୋଝେଇ କରି ଚାଲାଣ ହେଉଥିବା ବେଳେ ଠାକୁରମୁଣ୍ଡା ଥାନା ପୋଲିସ ୫ ଟି ଗାଡିକୁ ଜବତ କରିଛି ।ଗାଡି ଗୁଡିକରେ ବୋଝେଇ ହୋଇ ଯାଉଥିବା ୨୦ ଟି ଗୋରୁ ଓ ୧୭ ଟି ମଇଁଷି କୁ ଉଦ୍ଧାର କରି ୫ ଟି ଗାଡିକୁ ଜବତ କରିଛି ।ଏଥିରେ ଥିବା ୩ ଜଣ ଡ୍ରାଇଭର କୁ ଥାନାରେ ଅଟକ ରଖିଥିବା ବେଳେ ଅନ୍ୟ ୨ ଟି ଗାଡିର ଡ୍ରାଇଭର ଘଟଣାସ୍ଥଳ ରୁ ଫେରାର ହୋଇ ଯାଇଥିବାର ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଓ ଅନ୍ୟ ପୋଲିସ କର୍ମଚାରୀ ମାନେ ରାତିରେ ପେଟ୍ରୋଲିଂ କରୁଥିବା ସମୟରେ ଯାଜପୁରରୋଡ଼ ଓ ଶାଳବଣି ରୁ ଗୋରୁ ଓ ମଇଁଷି ବୋଝେଇ ହୋଇ ଠାକୁରମୁଣ୍ଡା ଦେଇ ରାଇରଙ୍ଗପୁର ଆଡକୁ ଯାଇଥିବା ସମୟରେ ଗାଡି ଗୁଡିକୁ କେନ୍ଦୁଜିଆଣି ନିକଟ ତେଲନଦୀ ନିକଟରେ ରାସ୍ତା ଉପରେ ଅଟକାଇ ଥିଲେ ।ସେଥିରେ ଗୋରୁ ଓ ମଇଁଷି ବୋଝେଇ ହୋଇ ଥିବା ଦେଖି ଗାଡି ଗୁଡିକୁ ଜବତ କରି ଥାନାକୁ ଆଣି ଥିଲେ ।ପୋଲିସ କୁ ଦେଖି ଘଟନସ୍ଥଳ ରୁ ୨ ଜଣ ଡ୍ରାଇଭର ଖସି ପଳାଇ ଯାଇଥିବା ବେଳେ ଅନ୍ୟ ୩ ଜଣ ଡ୍ରାଇଭର କୁ ଆଣି ଥାନାରେ ଅଟକ ରଖିଥିଲେ ।ଏ ସଂକ୍ରାନ୍ତରେ ଠାକୁରମୁଣ୍ଡା ଥାନା ପୋଲିସ କେଶ ନମ୍ବର ୧୦୧,୧୦୨,୧୦୩,୧୦୪,୧୦୫ ଅନୁଯାୟୀ ମାମଲା ରୁଜ୍ଜୁ କରିଛି।

# ଡ଼ିଏମଏଫ ଉଦ୍ୟମୀର ହେଲା ଶୁଭାରମ୍ଭ



କେନ୍ଦୁଝର,(ମହାଭାରତ): ସ୍ୱର୍ନିମିତ ବ୍ୟବସାୟ ମଣିଷକୁ ଏକ ସମୃଦ୍ଧ ଜୀବନ ଆଡ଼କୁ ନେଇଯିବ। ଯେଉଁମାନେ ସ୍ୱପ୍ନ ଦେଖିପାରନ୍ତି ସେମାନେ ଜୀବନରେ ସମୃଦ୍ଧି ହାସଲ କରିପାରନ୍ତି । ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ, ଏକ ପ୍ଲାଟଫର୍ମ ପ୍ରଦାନ କରୁଛି ଡ଼ିଏମଏଫ । ଆଜି କେନ୍ଦୁଝର ସାଂସଦ ଅନନ୍ତ ନାୟକ ଡିଏମଏଫ ଉଦ୍ୟାମୀ ପ୍ରକଳ୍ପର ଉଦଘାଟନ କରିଛନ୍ତି ।ସଂସ୍କୃତି ଭବନରେ ଏକ ଉତ୍ସବରେ ଏହି ପ୍ରକଳ୍ପର ଉଦଘାଟନ କରି କେନ୍ଦୁଝର ସାଂସଦ ଶ୍ରୀ ନାୟକ କହିଛନ୍ତି ଯେ ଆଦିବାସୀମାନେ କିପରି ଉଦ୍ୟୋଗୀ ହୋଇପାରିବେ ସେ ବିଷୟରେ ବିଶେଷ ଧ୍ୟାନ ଦିଆଯିବା ପାଇଁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ପାଇଁ ନିଶ୍ଚିତ ଭାବରେ ଆବଶ୍ୟକ ଏପରି ଏକ ପ୍ରକଳ୍ପ ଆରମ୍ଭ କରିବା ପାଇଁ ସେ ଡ଼ିଏମଏଫ କେନ୍ଦୁଝରର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଉଦ୍ୟମ ଦ୍ୱାରା ଡ଼ିଏମଏଫ ଉଦ୍ୟୋଗୀ ରାଜ୍ୟରେ ଏକ ଉଦାହରଣ ସ୍ଥାପନ କରିପାରିବ। ଏହି ଅବସରରେ ଡିଏମଏଫ କେନ୍ଦୁଝରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ରୀନା ପ୍ରଧାନ କହିଥିଲେ ଯେ ଏହି ପ୍ଲାଟଫର୍ମ ଏକ ଉଦ୍ୟୋଗ ଗଠନ କରିବା ପାଇଁ ଆଗ୍ରହୀ ବ୍ୟକ୍ତିଙ୍କୁ ଜ୍ଞାନ ବାଣ୍ଟିବା, ଦକ୍ଷତା ବିକାଶ, କ୍ରେଡିଟ୍ ଲିଙ୍କେଜ୍ ପ୍ରଦାନ କରିବ। ଅତିଥି ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି, ଭାରତୀୟ ଉଦ୍ୟୋଗୀତା ବିକାଶ ପ୍ରତିଷ୍ଠାନର ଆଞ୍ଚଳିକ ମୁଖ୍ୟ ଚି□ରଞ୍ଜନ ପଟ୍ଟନାୟକ କହିଥିଲେ ଯେ ପ୍ରକଳ୍ପର ପ୍ରଥମ ଛଅ ମାସ ମଧ୍ୟରେ ଜିଲ୍ଲାର ସାତଟି ବ୍ଲକରେ ୧୦୦ଟି ଉଦ୍ୟୋଗ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂହ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରିଥିଲେୟ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଗଣେଶ୍ୱର ନାୟକ, ମହାପ୍ରବନ୍ଧକ ଡିଆଇସି, ଅଜୟ କୁମାର ମହନ୍ତ ମଞ୍ଚରେ ଉପସ୍ଥିତ ଥିଲେ।

# ସଂଗଠନ ସୃଜନ ଅଭିଯାନ ଶୁଭାରମ୍ଭ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ଠାରୁ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜାତୀୟ କଂଗ୍ରେସ ନେତା ତଥା ପର୍ଯ୍ୟବେକ୍ଷକ ମହେଶ ଶର୍ମା, ପୂର୍ବତନ ମନ୍ତ୍ରୀ ଅମର ପ୍ରଧାନ, ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତୀ, ପୂର୍ବତନ ସାଂସଦ ନକୁଳ ନାୟକ ପ୍ରମୂଖ ଉପସ୍ଥିତ ରହିଥିଲେ। ଜାତୀୟ କଂଗ୍ରେସ ନେତା ମହେଶ ଶର୍ମା, ନୟାଗଡ଼ ଜିଲ୍ଲାରେ କଂଗ୍ରେସ ସଂଗଠନ ଠିକ୍ ଠାକ୍ ଚାଲିନାହିଁ ବୋଲି କହିଥିଲେ। ଯେଉଁଥିପାଇଁ ଆମେ ଏଠିକୁ ଆସିଛୁ ବୋଲି ସୂଚନା ଦେଇଥିଲେ ।ଆଠ ଦିନ ନୟାଗଡ଼ରେ ରହିବୁ, ସବୁ କଂଗ୍ରେସ ନେତା ଓ କର୍ମୀଙ୍କ ସହ ଆଲୋଚନା କରି ସେମାନଙ୍କ ଭାବନାକୁ ନେଇ ଦିଲ୍ଲୀ ଯିବି ବୋଲି ସୂଚନା ଦେଇଥିଲେ ।ବ୍ଲକ କଂଗ୍ରେସ, ଜିଲ୍ଲା କଂଗ୍ରେସ, ଓବିସି ଶାଖା, ମହିଳା, ଦଳିତ ସଂଗଠନକୁ କିଭଳି ମଜବୁତ କରାଯିବା ତାହା ଉପରେ ଆଲୋଚନା କରି ସଂଗଠନକୁ ତୃଣମୂଳ ସ୍ତରରୁ ମଜୁବତ କରାଯିବ ବୋଲି କହିଥିଲେ। ଏହି ସମ୍ମିଳନୀରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ, ଜିଲ୍ଲା କଂଗ୍ରେସ ସଂଯୋଜକ ସତ୍ୟବ୍ରତ ନାୟକଙ୍କ ସମେତ ବହୁ ନେତା ଉପସ୍ଥିତ ରହିଥିଲେ। ସେପଟେ କିନ୍ତୁ ଜିଲ୍ଲା କଂଗ୍ରେସରେ ଭିତିରି ତୀବ୍ର ଗୋଷ୍ଠୀ କନ୍ଦଳ।

## ହସ୍ପିଟାଲ ରୁ ଫେରାର ଆସାମୀ ଧରାପଡିଲା

ବାଲିପାଟଣା( ମହାଭାରତ)ସୂଚନା ଅନୁସାରେ ବାଲିପାଟଣା ଥାନା ଗଡ଼ବନ୍ତପୁର ଗ୍ରାମର ଦେବବ୍ରତ ଜେନା ଓରଫ ଦେବା (୨୯)କୁ ପୁଲିସ ତାଙ୍କ ପତ୍ନୀଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ କରି ଗତକାଲି ଗିରଫ କରିଥିଲା। ଆଜି କୋର୍ଟ ଚାଲଣ ପାଇଁ ପ୍ରକିୟା ଜାରି ରହିଥିଲା। ସେଥିପାଇଁ ପୂର୍ବାହ୍ନ ପ୍ରାୟ ୧୨ଟାରେ ପୁଲିସ ଦେବାକୁ ସାଙ୍ଗରେ ନେଇ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିଲେ। ଡାକ୍ତରୀ ପରୀକ୍ଷା ପରେ ନମୁନା ସଂଗ୍ରହ ପାଇଁ କୁହାଯାଇଥିଲା। ପୁଲିସ ଦେବାକୁ ସାଙ୍ଗରେ ନେଇ ଶୌଚାଳୟକୁ ଯାଇଥିଲା। ହେଲେ ଧୂର୍ତ୍ତ ଦେବା ଶୌଚାଳୟ ସ୍କାଏ ଲାଇଟ କାଚ ଭାଙ୍ଗି ଔଷଧୀୟ ଉଦ୍ୟାନ ବାଟେ ଫେରାର ହୋଇ ଯାଇଥିଲାଶେଚାଳୟରୁ ଦେବାର ଆସିବାରେ ବିଳମ୍ୱ ହେବାରୁ ବାହାରେ ଜଗିଥିବା ପୁଲିସର ସନ୍ଦେହ ହୋଇଥିଲା। କବାଟ ପାଖରେ ଜଗିଥିବା ପୁଲିସ କର୍ମଚାରୀ କବାଟ ଖୋଲି ଦେଖିଲା ବେଳେ ଶୌଚାଳୟ ଭିତରେ ଅଭିଯୁକ୍ତ ନ ଥିଲାୟ ସ୍କାଏ ଲାଇଟ ଭାଙ୍ଗି ଫେରାର ହୋଇ ଥିବା ଜଣା ପଡ଼ିଥିଲା। ବିଳମ୍ୱ ନକରି ପୁରା ଟିମ ଅଭିଯୁକ୍ତକୁ ଖୋଜିବାରେ ଲାଗି ପଡ଼ିଥିଲେ। ଆଙ୍କୁଶପୁର କେନାଲ ବନ୍ଧ ଓ କୁଶଭଦ୍ରା ନଦୀ ପଠାରେ ଖୋଜିଥିଲେ। ବାଉଁଶ, ଠେଙ୍ଗା, ବାଡ଼ି ଧରି ପୁଲିସ କିଆ ବୁଦା, ବଣ ଜଙ୍ଗଲ ଖୋଜି ନାକେଦମ ହୋଇଥିଲା। ଶେଷରେ ଅଠାନ୍ତର ନିକଟ କୁଶଭଦ୍ରା ନଦୀ ପଠା ଜଙ୍ଗଲରେ ଛପିଥିବା ବେଳେ ଅଭିଯୁକ୍ତକୁ ପୁଲିସ ଧରିଥିଲା।

## ମାନବସେବା ଟ୍ରଷ୍ଟ ତରଫରୁ ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ମାନବ ସେବା ଚାରିଟେବୁଲ ଅନୁଗୋଳ ଓ (ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନ )ଜନ ମଙ୍ଗଳ ସଂସ୍ଥା ରସୋଳର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଛି ହାତୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ । ଜଙ୍ଗଲ କ୍ଷୟ କୁ ରୋକା ଯାଇପାରିଲେ ହାତୀର ବଂଶ ବୃଦ୍ଧି ହୋଇପାରିବ, ଜଙ୍ଗଲ କଟାଯାଇ ଜନ ବସତିଗଢି ଉଠିବା ଦ୍ୱାରା ହାତୀ ମାନେ ଜଙ୍ଗଲ ଛାଡି ଜନବସତି ମୁହାଁ ହେଉଛନ୍ତି, ଫଳରେ ଅନେକ ସମୟ ରେ ମଣିଷ-ହାତୀ ଲଢେଇ ପରିସ୍ଥିତି ଦେଖା ଦେଇଛି। ବେଳେବେଳେ ଶିକାରୀ, ବିଦ୍ୟୁତ ତାର ଓ ଟ୍ରେନ ଦ୍ୱାରା ବହୁ ହାତୀଙ୍କ ମୃତ୍ୟୁ ହେଉଛି। ସରକାର ଏଥିପ୍ରତି ଯଥେଷ୍ଟ ସଚେତନ ରହିଥିଲେ ମଧ୍ୟ ଜନ ସାଧାରଣ ସଚେତନ ହେବା ଅତ୍ୟନ୍ତ ଜରୁରୀ ବୋଲି ମାନବ ସେବା ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଚିନ୍ମୟୀ ଦାସ କହିଛନ୍ତି। ସୂଚନା ଯେ- ଦଣ୍ଡିରୀ, କନକା, ରଜାଙ୍କ ଓ ବାଘ ଧରିଆ ଗ୍ରାମ କୁ ଯାଇ ହାତୀ ଓ ମଣିଷ ଉଭୟ ଙ୍କ ସୁରକ୍ଷା ଦିଗରେ ସଚେତନ କରାଇଥିଲେ। ଗତ ମାସ ରେ ଗୋଟିଏ ଦିନରେ ତିନି ଜଣଙ୍କୁ ହାତୀ ଦଳି ମାରିଦେଇଥିବା ବାଘ ଧରିଆ ଗ୍ରାମ ମୃତକ ଙ୍କ ପରିବାରକୁ ସମବେଦନା ଜଣେଇବା ସହିତ ଆଗକୁ କିପରି ଏହି ଘଟଣା ର ପୁନରାବୃତ୍ତି ନ ହେବ ସେ ବିଷୟରେ ସରକାର ନିବେଦନ କରି ଗ୍ରାମ ବାସୀଙ୍କୁ ସୁରକ୍ଷା ବିଷୟରେ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ।ଏହି କାର୍ଯ୍ୟକ୍ରମ ରେ ମାନବ ସେବା ଚାରିଟେବୁଲ ଟ୍ରଷ୍ଟ ମୁଖ୍ୟ ଚିନ୍ମୟୀ ଦାସ, ଜନ ମଙ୍ଗଳ ସଂସ୍ଥା ର ମୁଖ୍ୟ ବିଭୁ ଶତପଥି, ନିରୁପମା ମିଶ୍ର ଦଣ୍ଡରୀ ବନପାଳ ଗିରିଶ ଚନ୍ଦ୍ର ଦେହୁରୀ, ମଧୁସୂଦନ ପ୍ରଧାନ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ଗୋଲାମୁଣ୍ଡାରେ ନୂତନ ଏବିଡ଼ିଓଙ୍କ ଯୋଗଦାନ

ଗୋଲାମୁଣ୍ଡା,(ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ନୂତନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ କଲେ ବିଜୟ କୁମାର ନାୟକ। ଏଥି ପୂର୍ବରୁ ଶ୍ରୀ ନାଏକ ବଲାଙ୍ଗିର ଜିଲ୍ଲା ତରଭା ବ୍ଲକରେ କାର୍ଯ୍ୟରତ ଥିଲେ । ଗୋଲାମୁଣ୍ଡା ବ୍ଲକରେ ଯୋଗଦାନ ପରେ ତାଙ୍କୁ ବ୍ଲକ କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ ।ଆଗାମୀ ଦିନରେ ଗୋଲାମୁଣ୍ଡା ବ୍ଲକର ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଇ ବ୍ଲକକୁ ଓଡ଼ିଶାରେ ସୁନାମ ଆଣିବାକୁ ପ୍ରୟାସ କରାଯିବ ବୋଲି କହିଥିଲେ ।

# ବଢ଼ିଲା ବଜେଟ,ନୂତନ ରୂପରେ ସଜେଇ ହେବ କେନ୍ଦୁଝର ଏୟାରଷ୍ଟ୍ରିପ

## ଜମି ଅଧିଗ୍ରହଣ ପରେ ଖୁବ ଶୀଘ୍ର ଟେଣ୍ଡର ପ୍ରକ୍ରିୟା




କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲ୍ଲାର ଅବିଭକ୍ତ ରାଇସୁଆଁ ପଞ୍ଚାୟତ ତଥା ଏବେର ଗୋପିନାଥପୁର ପଞ୍ଚାୟତ ରେ ଥିବା ଏୟାରଷ୍ଟ୍ରିପ ୬୦ ଦଶକରେ ନିର୍ମାଣ କରାଯାଇଥିଲା। ଏହି ପୁରାତନ ଏୟାର ଷ୍ଟ୍ରିପ ର ଉନ୍ନତି କରଣ ପାଇଁ ଅନେକ ଆଗରୁ ଦାବି ହୋଇ ଆସୁଥିବା ବେଳେ କିଛି ବର୍ଷ ପୂର୍ବରୁ ଉନ୍ନତି କରଣ ପାଇଁ ସର୍ଭେ ହୋଇ ଥିଲା କିନ୍ତୁ ଏହା ଫାଇଲ ରେ ସିମିତ ରହିଥିଲା।ଚମ୍ପୁଆ ବିଧାୟକ ସନାତନ ମହାକୁଡ ମୁଖ୍ୟମନ୍ତ୍ରୀ ନିକଟରେ ଓ ବିଭିନ୍ନ ରାଜନୈତିକ ସଭାରେ ବାରମ୍ବାର ଏହାର ଉନ୍ନତିକରଣ ପାଇଁ ଦାବି କରି ଆସୁଥିଲେ। ଏବେ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବାପରେ ଏଥିରେ ମୋହର ଲାଗିଛି । ଏବେ ଲାଗୁଛି ଏହି ପୁରାତନ ଏୟାରଷ୍ଟ୍ରିପ ନୂତନ ରୂପନେବ ଯାହା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହାର ଉନ୍ନତି କରଣ ପାଇଁ ହୋଇଥିବା ବ୍ୟୟ ବରାଦ ପୂର୍ବ ଅପେକ୍ଷା ବଢ଼ିଛି ।ପୂର୍ବରୁ ଏହି ଏୟାର ଷ୍ଟ୍ରିପ୍‌ପାଇଁ ୧୦୩ କୋଟି ଟଙ୍କାର ବ୍ୟୟ ଅଟକଳ ଥିବା ବେଳେ ଏବେ ଏହ ବଜେଟ ବଢ଼ିବା ପରେ ୧୧୨ କୋଟି ଟଙ୍କାରେ ପହଂଚିଛି। ଅପରପକ୍ଷରେ ଏହି ଏୟାର ଷ୍ଟ୍ରିପ୍ ପାଇଁ ଆବଶ୍ୟକ ହେଉଥିବା ଜମି ଅଧିଗ୍ରହଣ ପାଇଁ ପରିବହନ ବିଭାଗକୁ ଚିଠି ହୋଇଥିବା ବେଳେ ଖୁବଶୀଘ୍ର ଟେଣ୍ଡର ପ୍ରକ୍ରିୟାର ଆରମ୍ଭ ହେବ ବୋଲି ଜଣାଯାଇଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ଚିଠି ନମ୍ବର-୫୩୨୧/ ୧.୫.୨୫ ଅନୁସାରେ, କେନ୍ଦୁଝର ଅବିଭକ୍ତ ରାଇସୁଆଁ ଏବେକାର ଗୋପିନାଥପୁର ଠାରେ ଥିବା ଏୟାରଷ୍ଟ୍ରିପ୍‌କୁ ୨-ବି କ୍ୟାଟାଗୋରୀ ଏୟାରଷ୍ଟ୍ରିପ୍ କରିବାକୁ ପ୍ରଥମେ ୧୦୩ କୋଟି ୫ ଲକ୍ଷ ୭୯ ହଜାର ୫୦୦ ଟଙ୍କାର ପ୍ରସ୍ତାବକୁ ମଂଜୁରରି ମିଳିଥିଲା। ଏହ ମଂଜୁରୀ ଅନୁସାରେ, ରନଓ୍ୱେ, ଟାକ୍ସିୱେ, ପାର୍କିଂ, ପ୍ରବେଶ ରାସ୍ତା, ସଂଯୋଗୀ କରଣ ରାସ୍ତା ନିର୍ମାଣ ପାଇଁ ୨୫ କୋଟି ୩୨ ଲକ୍ଷ ୭୧ ହଜାର ୨୩୬ ଟଙ୍କା ଖର୍ଚ୍ଚ ହେବ। ସେହିପରି ସୁରକ୍ଷ ବାଡ, ଡ୍ରେନ, କଲଭର୍ଟ ନିମାଣ ପାଇଁ ୬ କୋଟି ୪୩ ଲକ୍ଷ ୯୩ ହଜାର ୫୩୧ ଟଙ୍କା ଖର୍ଚ୍ଚ ହେବ। ଟର୍ମିନାଲ ବିଲଡିଙ୍ଗ, ବାରାକ ବିଲଡିଙ୍ଗ, ଓ୍ୱାଚ ଟାଓ୍ୱାର, ଫାୟାର ଷ୍ଟେସନ, ହସ୍ପିଟାଲ ନିର୍ମାଣ ପାଇଁ ୧୯ କୋଟି ୨୯ ଲକ୍ଷ ୨୨ ହଜାର ୭୨୯ ଟଙ୍କାଖର୍ଚ୍ଚ ହେବ। ଏହି ଅଂଚଳ ମଧ୍ୟରେ ଥିବା ସଦର ପୋଲିସ ଷ୍ଟେସନ କୁ ସ୍ଥାନାନ୍ତର କରାଯିବାର ପ୍ରସ୍ତାବ ଅଛି। ଏହି ପୋଲସ ଷ୍ଟେସନ ଭାଙ୍ଗିବା ଏବଂ ପୁଣି ନିର୍ମାଣ କରିବା ବାଦରେ ୬ କୋଟି ଟଙ୍କା ଖର୍ଚ୍ଚ ହବାକୁ ଥିବା ବେଳେ ଲାଇଟ୍, ସାଇନ୍‌ଏଜ୍ ଆଦି ପାଇଁ ୨ କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହବ ବୋଲି ବ୍ୟୟ ବରାଦ ହୋଇଥିଲା। କିନ୍ତୁ ଏବେ ଜମିର ମୂଲ୍ୟବୃଦ୍ଧି ଏଂବ ଆନୁସଙ୍ଗିକ ମୂଲ୍ୟ ବୃି ପାଇଁ ଏବେ ଏହାର ବ୍ୟୟ ଅଟକଳ ବୃଦ୍ଧି ପାଇଛି। ଏହି ବ୍ୟୟ ଅଟକଳ ବୃଦ୍ଧି ହୋଇ ମୋଟ ୧୧୨ କୋଟି ୩୮ ଲକ୍ଷ ୭୦ ହଜାର ୫୦୦ ଟଙ୍କା ଧାର୍ଯ୍ୟ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ଏହି ଏୟାରଷ୍ଟ୍ରିପ ଟି ୬୦ ଦଶକରେ ହୋଇଥିବା ବେଳେ ପ୍ରାରମ୍ଭିକ ସ୍ତରରେ ଏହା ସଂପୂର୍ଣ୍ଣ ମାଟି ମୋରମରେ ନିର୍ମିତ ହୋଇଥିଲା। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିନରେ ଥିବା ଏହି ଏୟାରଷ୍ଟ୍ରିପ୍ ୩୮.୦୫ ଏକର ପରିମିତ ଜମିରେ ନିର୍ମିତ ହୋଇଛି । ଏହାର ଲମ୍ବ ୧ କିଲୋମିଟର ହୋଇଥିବାବେଳେ ରନଓ୍ୱେର ଲମ୍ବ ୩୦୧୫ ଫୁଟ(୯୨୦ମିଟର) ଓ ପ୍ରସ୍ଥ ୯୮ ଫୁଟ(୩୦ମିଟର) ବିଶିଷ୍ଟ ବୋଲି ଜଣାଯାଇଛି।ତେବେ କେବେ କେନ୍ଦୁଝର ର ଗର୍ବ ଏହି ପୁରାତନ ଏୟାର ଷ୍ଟ୍ରିପ ର ନବକଳେବର କାର୍ଯ୍ୟ ସଂପୂର୍ଣ୍ଣ ହେଉଛି ତାହା ନେଇ ବୁଦ୍ଧିଜିବି ମହଲ ରେ ଉତ୍କଣ୍ଠା ପ୍ରକାଶ ପାଇଛି।

# ୨୦ ହଜାର କିମି ଦୂର ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିବ କ୍ଷେପଣାସ୍ତ୍ର, ତିଆରି କରିଛି ଚୀନ



ଚୀନ୍ : ରାଜଧାନୀ ବେଜିଂର ତିଆନାନମେନ୍ ସ୍କୋୟାରରେ ଆୟୋଜିତ ହୋଇଛି ବିଜୟ ଦିବସ ପରେଡ୍ । ଏହି ସମୟରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଭାରତ, ୟୁରୋପ ଏବଂ ଆମେରିକାକୁ ଏକ କଡ଼ା ବାର୍ତ୍ତା ଦେଇଛନ୍ତି । ବିଜୟ ଦିବସରେ ହୋଇଥିବା ପରେଡ୍‌ରେ ଚୀନ୍ ପ୍ରଥମ ଥର ପାଇଁ ନିଜର ନୂତନ ଡିଏଫ-୫ସି ଆନ୍ତଃମହାଦେଶୀୟ ରଣନୈତିକ ପରମାଣୁ କ୍ଷେପଣାସ୍ତ୍ରକୁ ସାର୍ବଜନୀନ ଭାବରେ ଉପସ୍ଥାପନ କରିଛି । ଏହି କ୍ଷେପଣାସ୍ତ୍ର ତରଳ ଇନ୍ଧନ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ହୋଇଛି । ଗ୍ଲୋବାଲ୍ ଟାଇମ୍ସ ଚୀନ୍ ପ୍ରତିରକ୍ଷା ବିଶେଷଜ୍ଞଙ୍କ ଉଦ୍ଧୃତି ଦେଇ କହିଛି ଯେ ଏହାର ପରିସର ୨୦,୦୦ କିଲୋମିଟରରୁ ଅଧିକ ହୋଇପାରେ, ଯାହାର ଅର୍ଥ ହେଉଛି ଏହା ବିଶ୍ୱର ଯେକୌଣସି ସ୍ଥାନରେ ସମ୍ପୂର୍ଣ୍ଣ ଧ୍ୱଂସ କରିପାରିବ । ଏକ ଘାତକ କ୍ଷେପଣାସ୍ତ୍ର ତିଆରି କରିଛି ଚୀନ। ଯାହାର ନାମ ହେଉଛି ଡିଏଫ-୫ସି । ପରମାଣୁ ଯୁଦ୍ଧାସ୍ତ୍ର ବହନ କରି ଦୁନିଆର ଯେକୌଣସି ପ୍ରାନ୍ତକୁ ଏହା ଟାର୍ଗେଟ କରିପାରିବାରେ ସକ୍ଷମ। କେବଳ ଏତିକି ନୁହେଁ ଗୋଟିଏ ସମୟରେ ଏହି କ୍ଷେପଣାସ୍ତ୍ର ୧୦ଟି ପୃଥକ ସ୍ଥାନରେ ଆକ୍ରମଣ କରିପାରିବ । ଚୀନ୍ ଏହାକୁ "ଗ୍ଲୋବାଲ୍ କଭରେଜ୍ ଷ୍ଟ୍ରାଇକ୍ କ୍ଷମତା" ଭାବରେ ପ୍ରଚାର କରୁଛି । ଏହି କ୍ଷେପଣାସ୍ତ୍ରର ନିୟୋଜନ ସୂଚାଇ ଦେଇଛି ଯେ ଚଖଇ ଏବେ ଏହାର ରଣନୈତିକ ପରମାଣୁ ପ୍ରତିରୋଧକୁ ନୂତନ ଉଚ୍ଚତାରେ ନେଇଯାଇଛି । ଏବେ ଚୀନ୍ ଆମେରିକାର ପ୍ରତ୍ୟେକ ଇଞ୍ଚକୁ ଧ୍ୱଂସ କରିବାର କ୍ଷମତା ରଖିଛି । ଗ୍ଲୋବାଲ୍ ଟାଇମ୍ସ ରିପୋର୍ଟରେ, ଚୀନ୍ ପ୍ରତିରକ୍ଷା ବିଶେଷଜ୍ଞ ପ୍ରଫେସର ୟାଙ୍ଗ ଚେଙ୍ଗଜୁନ୍ ଡିଏଫ-୫ସିର ୬ ଟି ବିଶେଷ ବୈଶିଷ୍ଟ୍ୟ ଉଲ୍ଲେଖ କରିଛନ୍ତି । ଏହାର ଗତି ଘଣ୍ଟା ପ୍ରତି ପ୍ରାୟ ୧୨ ହଜାର କିଲୋମିଟର ହେବାର ସମ୍ଭାବନା ଅଛି । ଏହାର ଦୂରଗାମୀ ସୀମା ଅଛି, ଅର୍ଥାତ୍ ୨୦,୦୦କିଲୋମିଟରରୁ ଅଧିକ । ଏହାର ଅର୍ଥ ହେଉଛି ଯେ ଚୀନ୍ ଏବେ ବିଶ୍ୱର ଯେକୌଣସି ସ୍ଥାନରେ ପରମାଣୁ ବୋମା ପକାଇପାରିବ ଏବଂ ବିଶ୍ୱର କୌଣସି ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହାକୁ ବାଧା ଦେଇପାରିବ ନାହିଁ । ଉଇ-୫ଉ ର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଅତ୍ୟନ୍ତ ଗତି। ପ୍ରଫେସର ୟାଙ୍ଗ ଚେଙ୍ଗଜୁନ୍ ଆକଳନ କରିଛନ୍ତି ଯେ, ଏହାର ଗତି ଶବ୍ଦର ଗତି ଅପେକ୍ଷା ଅନେକ ଗୁଣ ଅଧିକ ହୋଇଥିବାରୁ, ବିଶ୍ୱର ଯେକୌଣସି କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ପାଖରେ ଏହାକୁ ବନ୍ଦ କରିବା ପାଇଁ ବହୁତ କମ୍ ସମୟ ରହିବ । ସାମରିକ ପରେଡରେ ବ୍ୟାପକ ଭାବରେ ପ୍ରଦର୍ଶିତ ଡିଏଫ-୫ସି ସମେତ ଅନେକ ନୂତନ ପ୍ରକାରର ରଣନୈତିକ ପରମାଣୁ ଆକ୍ରମଣ ଅସ୍ତ୍ର ଚୀନର ପରମାଣୁ ରଣନୀତି ସହିତ ସମାନ । ଚୀନ ସର୍ବଦା ପ୍ରତିରକ୍ଷା ପ୍ରକୃତିର ପରମାଣୁ ରଣନୀତି ପାଳନ କରିଆସିଛି, ଯାହାର ଲକ୍ଷ୍ୟ ଅନ୍ୟ ଦେଶଗୁଡ଼ିକୁ ଚୀନ ବିରୁଦ୍ଧରେ ପରମାଣୁ ଅସ୍ତ୍ର ବ୍ୟବହାର କିମ୍ବା ବ୍ୟବହାର କରିବାକୁ ଧମକ ଦେବାରୁ ନିବୃତ୍ତ କରିବା ଏବଂ ଜାତୀୟ ରଣନୈତିକ ସୁରକ୍ଷା ସୁନିଶ୍ଚିତ କରିବା ।

## ଅଣ୍ଟା ସଳଖୁଛି ପାକିସ୍ତାନ, କ୍ଷତିଗ୍ରସ୍ତ ନୁରଖାନ୍ ଏୟାରବେସକୁ କରୁଛି ପୁନଃନିର୍ମାଣ, ସାଟେଲାଇଟ୍ ଫଟୋରୁ ଖୁଲାସା




ନୂଆଦିଲ୍ଲୀ: ଭାରତ ଅପରେସନ ସିନ୍ଦୂର ବେଳେ ପାକିସ୍ତାନର ଯେଉଁ ଏୟାରବେସକୁ ନଷ୍ଟ କରିଦେଇଥିଲା, ତାହାକୁ ପୁନଃନିର୍ମାଣ ଆରମ୍ଭ କରିଛି ପାକିସ୍ତାନ । ନୂଆ ସାଟେଲାଇଟ ଫଟୋରୁ ଏହା ଜଣାପଡିଛି । ଭାରତ ନଷ୍ଟ କରିଥିବା ପାକିସ୍ତାନର ନୁର ଖାନ୍ ଏୟାରବେସକୁ ମରାମତି କରାଯାଉଛି । ଇସଲାମାବାଦ ଠାରୁ ମାତ୍ର ୨୫ କିମି ଦୂରରେ ଥିବା ଏହି ଏୟାରବେସ ପାକିସ୍ତାନ ବାୟୁସେନା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ପହଲଗାମ ଆତଙ୍କୀ ଆକ୍ରମଣ ପରେ ଆତଙ୍କୀ ଆଡ୍ଡା ସ୍ଥଳୀକୁ ଧ୍ୱଂସ କରିଥିଲା ଭାରତୀୟ ସେନା । ଏହି ସପ୍ତାହର ଆରମ୍ଭରେ ପାକିସ୍ତାନ ସରକାରଙ୍କ ଦୁଇଟି ଭିଭିଆଇପି ଜେଟ୍ ତିଆନଜିନରେ ଅବତରଣ କରିଥିଲା । ଗୋଟିଏ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ନେଇ ଏବଂ ଅନ୍ୟଟି ନୂତନ ଭାବରେ ପଦୋନ୍ନତି ପାଇଥିବା ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କୁ ନେଇ ଏସ୍‌ସିଓ ଶିଖର ସମ୍ମିଳନୀ ପାଇଁ ଉଡ଼ାଣ ଭରିଥିଲା । ସରିଫଙ୍କୁ ନେଇ ଗଲ୍ଫଷ୍ଟ୍ରିମ୍ ଜି୪୫୦ ଲାହୋରରୁ ଉଡ଼ାଣ ଭରିଥିଲା । ମୁନିର ରାଓ୍ୱଲପିଣ୍ଡିର ଚକଲାଲାରେ ଥିବା ନୁର ଖାନ ବେସ୍ ରୁ ଉଡ଼ାଣ ଭରିଥିଲା । ତେବେ ଏହି ରନଓ୍ୱେକୁ ଲାଗି ଅନ୍ୟ ରନଓ୍ୱେଟି ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ପୂର୍ବରୁ ସାଟେଲାଇଟରେ ଦେଖିବାକୁ ମିଳିଥିଲା । ଯାହାକୁ ଏବେ ପୁନଃନିର୍ମାଣ କରୁଛି ପାକିସ୍ତାନ । ପାକିସ୍ତାନ ପାଇଁ ନୁର ଖାନ ଏୟାରବେସ୍ ବହୁତ ଗୁରୁତ୍ୱପୂର୍ଣ୍ଣ । ଏହି ଏୟାରବେସ୍ ପାକିସ୍ତାନ ଆର୍ମି ମୁଖ୍ୟାଳୟ ନିକଟତର । ଏହା ପାକିସ୍ତାନ ବାୟୁସେନା ଜାହାଜର ପ୍ରମୁଖ ଠିକଣା । ଏଠାରୁ ଓ୍ୱାର୍ଣ୍ଣିଂ ସିଷ୍ଟମ ମ୍ୟାନେଜ କରାଯାଏ । ମଝି ଆକାଶରେ ଇନ୍ଧନ ଭରୁଥିବା ବିମାନ ଓଖ-୭୮ ଏବଂ ଉ-୧୩୦ ଟ୍ରାନ୍ସପୋର୍ଟ ବିମାନ ଏଠାରେ ସବୁବେଳେ ରହିଥାଏ ।

## ବୁଡ଼ିଲା ଡଙ୍ଗା ୬୦ ମୃତ

ନାଇଜେରିଆ: ନାଇଜେରିଆରେ ଡଙ୍ଗାବୁଡ଼ି ୬୦ ମୃତ । ନାଇଜେରିଆର ନାଇଜର ନଦୀରେ ବଡ଼ ଦୁର୍ଘଟଣା ଘଟିଛି । ଡଙ୍ଗା ବୁଡ଼ିବାରୁ ପାଖାପାଖି ୬୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେବି ଅନେକ ନିଖୋଜ ଅଛନ୍ତି । ଡଙ୍ଗାରେ ୧୦୦ରୁ ଅଧିକ ଜଣ ଯାତ୍ରୀ ଯାତ୍ରା କରୁଥିଲେ । ସେମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ମଧ୍ୟ ଥିଲେ । ଘଟଣାସ୍ଥଳରେ ଜରୁରୀକାଳୀନ ବିଭାଗ ଅଧିକାରୀଙ୍କ ପକ୍ଷରୁ ଉଦ୍ଧାର କର୍ଯ୍ୟ ଜାରି ରହିଛି । ଏବେ ସୁଦ୍ଧା ୬୦ ଜଣଙ୍କ ମୃତଦେହ ଉଦ୍ଧାର ହୋଇସାରିଛି । ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା । ନଦୀରେ ଜଳସ୍ତର ଅଧିକ ଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସୂଚନା । ଡଙ୍ଗାଟି ନାଇଜେରିଆ ମାଲାଲେ ଜିଲ୍ଲାର ଟୁଙ୍ଗାନ ସୁଲେରୁ ଡୁଗା ଅଭିମୁଖ ଯାତ୍ରା କରୁଥିଲା । ଡଙ୍ଗାବୁଡ଼ି ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇପାରି ନାହିଁ ।

## ଆଫଗାନିସ୍ତାନ ଭୂକମ୍ପ ପୀଡିତଙ୍କୁ ରିଲିଫ ପଠାଇଲା ଭାରତ

ନୂଆଦିଲ୍ଲୀ : ଭାରତ ଆଫଗାନିସ୍ତାନର ପ୍ରକ୍ତ ବନ୍ଧୁ । ଏହା ପୁଣିଥରେ ପ୍ରମାଣିତ ହୋଇଛି । ଭାରତ ସବୁବେଳେ ପଡ଼ୋଶୀମାନଙ୍କୁ ସାହାଯ୍ୟ କରିବାରେ ଆଗରେ ରହିଛି । କେବଳ ନେପାଳ, ବାଂଲାଦେଶ, ମାଳଦ୍ୱୀପ ନୁହେଁ ବରଂ ସୀମା ଠାରୁ ଦୂରରେ ଅବସ୍ଥିତ ତୁର୍କୀ, ପାଲେଷ୍ଟାଇନ ଇତ୍ୟାଦି ଦେଶ ଗୁଡ଼ିକୁ ମଧ୍ୟ ବିପର୍ଯ୍ୟୟରେ ସାହାଯ୍ୟ କରିଛି । ଆଫଗାନିସ୍ତାନରେ ୬.୦ ତୀବ୍ରତାର ହୋଇଥିବା ଭୂମିକମ୍ପ ଯୋଗୁଁ ୧୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଆଫଗାନିସ୍ତାନର ଏହି ଦୁଃଖର ମୁହୂର୍ତ୍ତରେ ଭାରତ ଏକ ପ୍ରକୃତ ବନ୍ଧୁ ଭାବରେ ଆଗକୁ ଆସିଛି । ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଙ୍ଗଳବାର କହିଛନ୍ତି ଯେ, ଶନିବାର ପୂର୍ବ ଆଫଗାନିସ୍ତାନରେ ହୋଇଥିବା ଭୟଙ୍କର ଭୂମିକମ୍ପ ପରେ ଭାରତ କାବୁଲକୁ ୨୧ ଟନ୍ ମାନବୀୟ ସହାୟତା ଯୋଗାଇ ଦେଇଛି । ଏସ. ଜୟଶଙ୍କର ଏକ୍ସରେ ପୋଷ୍ଟ କରିଛନ୍ତି, "ଭାରତୀୟ ଭୂମିକମ୍ପ ସହାୟତା



ବିମାନ ମାଧ୍ୟମରେ କାବୁଲରେ ପହଞ୍ଚିଛି । କମ୍ବଳ, ତମ୍ବୁ, ସ୍ୱାସ୍ଥ୍ୟ କିଟ୍, ଜଳ ସଂରକ୍ଷଣ ଟ୍ୟାଙ୍କ, ଜେନେରେଟର, ରୋଷେଇ ଜିନିଷ, ପୋର୍ଟେବଲ୍ ପାଣି ପ୍ୟୁରିଫାୟର୍, ସ୍ଲିପିଂ ବ୍ୟାଗ, ଅତ୍ୟାବଶ୍ୟକ ଔଷଧ, ହ୍ୱିଲଚେୟାର, ହ୍ୟାଣ୍ଡ ସାନିଟାଇଜର, ଜଳ ବିଶୋଧନ ଟାବଲେଟ୍, ଓଆରଏସ ଏବଂ ଚିକିତ୍ସା ସାମଗ୍ରୀ ସମେତ ୨୧ ଟନ୍ ରିଲିଫ୍ ସାମଗ୍ରୀ ଆଜି ବିମାନ ମାଧ୍ୟମରେ ଯୋଗାଇ ଦିଆଯାଇଛି । ସଂଯୁକ୍ତ ରାଷ୍ଟ୍ରର ମହାସଚିବ ପୂର୍ବ ଆଫଗାନିସ୍ତାନରେ ହୋଇଥିବା ଭୂମିକମ୍ପରୁ ବର୍ତ୍ତିଥିବା ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବା ପାଇଁ ଅତିରିକ୍ତ ସମ୍ବଳ ପାଇଁ କହିଛନ୍ତି । ପ୍ରାରମ୍ଭିକ ଭାବେ ସଂଯୁକ୍ତ ରାଷ୍ଟ୍ର ସହାୟତା ପାଇଁ ଜରୁରୀକାଳୀନ ଫାଣ୍ଡିରୁ ୫୦ ଲକ୍ଷ ଡଲାର ଆବଣ୍ଟନ କରିଛି । ସୂଚନାଯୋଗ୍ୟ, ଭୂମିକମ୍ପରେ ମୃତ୍ୟୁ ସଂଖ୍ୟା ୧,୪୧୧ ରେ ପହଞ୍ଚିଛି, ୩,୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଏବଂ ୫୦୦୦ରୁ ଅଧିକ ଘର ନଷ୍ଟ ହୋଇଛି ।

## ଝିଅର ହାତୁଡ଼ି ପ୍ରହାରରେ ଚାଲିଗଲା ବାପାର ଜୀବନ

ବିହାର: ବିହାରରେ ଏକ ଭୟଙ୍କର ଘଟଣା ଘଟିଛି । ଜଣେ ଝିଅ ଘଟାଇଛି ଜଘନ୍ୟକାଣ୍ଡ । ସମସ୍ତେ ଜାଣନ୍ତି ବାପା ଝିଅର ସମ୍ପର୍କ କେତେ ନିଆରା । ଝିଅ ବାପା ଆଖିର ତାରା ହୋଇଥାଏ । ପ୍ରତ୍ୟେକ ଝିଅମାନେ ସେମାନଙ୍କ ବାପାଙ୍କ ପ୍ରେରଣାରେ ବଢିଥାନ୍ତି । ବାପାଙ୍କ ଶକ୍ତି ସେମାନଙ୍କୁ ଦୁନିଆ ଆଗରେ ଦୃଢ ଭାବରେ ଠିଆ ହେବାକୁ ସମର୍ଥ କରିଥାଏ । ଖୋଲା ଆକାଶରେ ଉଡ଼ିବାକୁ ଝିଅଙ୍କୁ ସାହସ ଦେଇଥାଆନ୍ତି ବାପା । କିନ୍ତୁ ଏଠି ବାପ ଝିଅ ସମ୍ପର୍କରେ ଲାଗିଛି ରକ୍ତର ଛିଟା । ବୋଧଗୟା ଥାନା ଅଞ୍ଚଳର ମାନକୋସି ଗାଁରେ ଜଣେ ଝିଅ ତା ବାପାଙ୍କ ବେକକୁ ଆକ୍ରମଣ କରି ହତ୍ୟା କରିଛି । ଏହି ହତ୍ୟାକାଣ୍ଡ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ରାତିରେ ରାତ୍ରୀ ଭୋଜନ କରି ବାପା ଏବଂ ପରିବାରର ଅନ୍ୟ ସଦସ୍ୟ ଶୋଇଥିଲେ । ଏହି ସମୟରେ ଝିଅ ବାପାକୁ ମାରଣାସ୍ତ୍ରରେ ହତ୍ୟା କରିଥିଲା । ମୃତକ ହେଉଛନ୍ତି ମାନକୋସି ଗାଁର ୭୦ ବର୍ଷୀୟ କପିଳ ମିସ୍ତ୍ରୀ । ଆଉ ହତ୍ୟାକରୀ ଝିଅ ହେଉଛି ୩୦ ବର୍ଷୀୟ କାଞ୍ଚନ କୁମାରୀ । ଏହି ଘଟଣାର ଖବର ପାଇ ବୋଧଗୟା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି । ଏହା ସହିତ ମୃତଦେହ ପୋଷ୍ଟମର୍ଟମ ପାଇଁ ମଗଧ ମେଡିକାଲ ହସ୍ପିଟାଲକୁ ପଠାଯାଇଛି । ତେବେ ଗାଁ ଲୋକଙ୍କ କହିବା ଅନୁଯାୟୀ, ହତ୍ୟା ଅଭିଯୁକ୍ତ କାଞ୍ଚନ ମାନସିକ ସ୍ତରରେ ଅସ୍ଥିର ଥିବାରୁ ତାଙ୍କ ପରିବାର ତାଙ୍କୁ ଘରେ ଶିକୁଳିରେ ବାନ୍ଧି ରଖୁଥିଲେ । ମୃତକଙ୍କ ପୁଅ ପର୍ଶୁରାମ କୁମାର କହିଛନ୍ତି ଯେ, ମୋ ଭଉଣୀ ୨୦୦୮ ମସିହାରେ ଉତ୍ତର ପ୍ରଦେଶର କାନପୁରରେ ବିବାହ କରିଥିଲେ । ସେ ପୂର୍ବରୁ ମଧ୍ୟ ଏପରି ଅପରାଧ କରିଛନ୍ତି । ଅଭିଯୁକ୍ତ ଝିଅ ପ୍ରାୟ ଚାରି ବର୍ଷ ପୂର୍ବରୁ ତାଙ୍କ ଶିଶୁପୁତ୍ର ଏବଂ ଅନ୍ୟମାନଙ୍କୁ ହତ୍ୟା କରିଛି । ଏହି ମାମଲାରେ, ବୋଧଗୟା ଥାନା ପୋଲିସ ମନୋଜ କୁମାର ସିଂହ କହିଛନ୍ତି ଯେ ହତ୍ୟା ଅଭିଯୁକ୍ତକୁ ହେପାଜତକୁ ନିଆଯାଇ ପଚରାଉଚରା କରାଯାଉଛି । ଏନେଇ ପୁରା ପରିବାରରେ ଶୋକର ଛାୟା ଖେଳିଯାଇଛି ।



## ହାଇ ଆଲର୍ଟରେ ଦିଲ୍ଲୀ, ସଚିବାଳୟ ଠାରୁ ଆରମ୍ଭ କରି ରିଲିଫ କ୍ୟାମ୍ପ ଯାଏଁ ପହଞ୍ଚିଲା ଯମୁନା ପାଣି




ନୂଆଦିଲ୍ଲୀ : ଦିଲ୍ଲୀରେ ଯମୁନା ନଦୀର କରାଳ ରୂପ । ଗମ୍ଭୀର ବନ୍ୟା ସଙ୍କଟ ଦେଇ ଗତି କରୁଛି ରାଜଧାନୀ ଦିଲ୍ଲୀ । ୨୦୧୩ର ରେକର୍ଡ ଭାଙ୍ଗିଛି ଯମୁନା ନଦୀର ଜଳସ୍ତର । ହାଇ ଆଲର୍ଟରେ ଦିଲ୍ଲୀ । ପ୍ରଭାବବିତ ହୋଇଛନ୍ତି ୮ ହଜାରରୁ ଅଧିକ ଲୋକ । ଯମୁନା ନଦୀର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଦିଲ୍ଲୀ ସଚିବାଳୟ ନିକଟରେ ଯମୁନା ପାଣି ପହଞ୍ଚିଛି । ଯମୁନା ବନ୍ୟା ସମତଳ ପାର୍ଶ୍ୱରେ ଥିବା ଦିଲ୍ଲୀ ସଚିବାଳୟର ଅଣ୍ଡରପାସରେ ପ୍ରବଳ ପାଣି ପଶିଛି । ଏହାକୁ ବାହାର କରିବା ପାଇଁ ସକ୍ସନ ପାଇପ୍ ମଧ୍ୟ ଲଗାଯାଇଛି । ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ବର୍ଷା ଚେତାବନୀ ଦିଆଯାଇଛି । ମୟୂର ବିହାର ଫେଜ୍-୧ରେ ନିର୍ମିତ ରିଲିଫ୍ କ୍ୟାମ୍ପଗୁଡ଼ିକ ମଧ୍ୟ ବୁଡ଼ି ଯାଇଛି । ସ୍ୱାମୀ ନାରାୟଣ ମନ୍ଦିର, ଫୁଟଓଭର ବ୍ରିଜ୍ ଏବଂ ସିଭିଲ୍ ଲାଇନ୍ସ ଅଞ୍ଚଳ ମଧ୍ୟ ପାଣିରେ ବୁଡ଼ି ରହିଛି । ଏଠାରେ ଥିବା ବଙ୍ଗଳାଗୁଡ଼ିକ ମଧ୍ୟ ପାଣିରେ ବୁଡ଼ି ରହିଛି । ଦିଲ୍ଲୀର ପୁରୁଣା ଲୁହା ପୋଲରେ ଯମୁନା ନଦୀର ଜଳସ୍ତର ୨୦୭.୩୯ ରେକର୍ଡ କରାଯାଇଛି । ପୂର୍ବରୁ ୨୦୧୩ରେ ଦିଲ୍ଲୀରେ ଯମୁନା ନଦୀର ଜଳସ୍ତର ୨୦୭.୩୨ ମିଟର ରେକର୍ଡ କରାଯାଇଥିଲା । ଏହା ସହିତ, ଯମୁନା ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ, କାଶ୍ମୀର ଗେଟ୍ ଅଞ୍ଚଳର କିଛି ଅଂଶ ଜଳମଗ୍ନ ହୋଇଛି । ଯମୁନାର ଜଳସ୍ତର ନିରନ୍ତର ବୃଦ୍ଧି ପାଉଛି । କାଶ୍ମୀର ଗେଟ୍ ବସ୍ ଟର୍ମିନାଲ ବୁଡ଼ି ଯାଇଛି । ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ହାଇଆଲର୍ଟ ଜାରି କରିଛନ୍ତି ଦିଲ୍ଲୀ ସରକାର । ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକରେ ଘଉଜର ଟିମକୁ ମୁତୟନ କରାଯାଇଛି । ବନ୍ୟା ବିପନ୍ନଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଯମୁନା ନଦୀର ଜଳସ୍ତର ବଢ଼ିବା କାରଣରୁ ରାଜଧାନୀ ଦିଲ୍ଲୀରେ ପାଖାପାଖି ୮ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ମୁଙ୍ଗେଶପୁର ନଳାର ପାଇଁ ୫୦ ଫୁଟ ଉଚ୍ଚତାର ବନ୍ଧ ଭାଙ୍ଗିବାରୁ ଦିଲ୍ଲୀରେ ଅନେତ ତଳିଆ ଅଞ୍ଚଳରେ ବନ୍ୟାପାଣି ପଶିଛି । ସେମାନଙ୍କୁ ଅସ୍ଥାୟୀ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି ।

## ତାମିଲନାଡୁରେ ଏନ୍‌ଡିଏକୁ ଝଟକା, ଅଲଗା ହେଲା ଏଏମ୍‌ଏମ୍‌କେ

ତାମିଲନାଡୁ : ସବୁ ଛୋଟ ଛୋଟ ଦଳକୁ ମେଣ୍ଟ ମଧ୍ୟରେ ସାମିଲ କରିବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପରାମର୍ଶ ସତ୍ତ୍ୱେ ଏଆଇଏଡିଏମ୍‌କେର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ପୋଷ୍ୟ ପୁତ୍ର ଦିନାକରଣଙ୍କୁ ଏନ୍‌ଡିଏରେ ଧରିରଖିବାରେ ସକ୍ଷମ ହୋଇପାରିନାହିଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନ୍ନିରସେଗଭମଙ୍କ ଏନଡିଏ ଛାଡ଼ିବାର ଠିକ୍ ମାସକ ପରେ ଦିନାକରଣ ମଧ୍ୟ ସେହି ପଥ ଅନୁସରଣ କରିଛନ୍ତି । ଏହି ଦୁଇ ନେତା ଗତ ଲୋକସଭା ନିର୍ବାଚନ ସମୟରେ ଏନଡିଏ ମେଣ୍ଟରେ ଥିଲେ ମଧ୍ୟ ଏଆଇଏଡିଏମ୍‌କେ ବାହାରେ ଥିଲା । କିଛି ମାସ ତଳେ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉଦ୍ୟମ ଫଳରେ ଏଆଇଏଡିଏମକେ, ଏନ୍‌ଡିଏକୁ ଫେରିଥିଲା । ଏହି ମେଣ୍ଟର ଘୋଷଣା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପଲାନିସ୍ୱାମୀ ମେଣ୍ଟର ନେତା ହେବେ ବୋଲି ଅମିତ ଶାହ ସ୍ପଷ୍ଟ କରିଥିଲେ । ଏହା ଛଡ଼ା ଏଆଇଏଡିଏମକେରୁ ଛାଡ଼ିଥିବା ନେତା ଯଥା ପନ୍ନିରସେଲଭମ୍ ଓ ଦିନାକରଣଙ୍କ ସମେତ ଅନ୍ୟାନ୍ୟ ଛୋଟ ଛୋଟ ଦଳଗୁଡିକୁ ଏନ୍‌ଡିଏ ମେଣ୍ଟରେ ସାମିଲ କରିବାକୁ ପଲାନିସ୍ୱାମୀ ପରାମର୍ଶ ଦେଇଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଏଆଇଏଡିଏମକେ ନେତୃତ୍ୱ ନେଇ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ପଲାନିସ୍ୱାମୀ ଓ ପନ୍ନିରସେଲଭମ୍‌ଙ୍କ ମଧ୍ୟରେ ବିବାଦ ବଢି ଶେଷରେ ପନ୍ନିରସେଲଭମ ଦଳରୁ ବିତାଡିତ ହୋଇଥିଲେ ସେହିଭଳି ଦିନାକରଣ ମଧ୍ୟ ନିଜ ଦଳ ଗଠନ କରିଥିଲେ । ଏବେ ଏହି ଦୁଇ ନେତାଙ୍କ ଏନଡିଏ ମେଣ୍ଟ ଛାଡ଼ିବା ଦ୍ୱାରା ଆଗାମୀ ବିଧାନସଭା ନିର୍ବାଚନକୁ ପ୍ରଭାବିତ ହେବାର ସମ୍ଭାବନା ରହିଛି । ସମ୍ଭବତଃ ଲୋକପ୍ରିୟ ଅଭିନେତା ବିଜୟଙ୍କ ନେତୃତ୍ୱାଧୀନ ମେଣ୍ଟରେ ଏହି ଦୁଇ ନେତା ଯୋଗ ଦେବାର ଆଶା ଅଛି ।

## ମଣିପୁରରେ ଶାନ୍ତି ପ୍ରତିଷ୍ଠା ଦିଗରେ ବଡ଼ ପଦକ୍ଷେପ: ଜାତୀୟ ରାଜପଥ-୨ ଖୋଲିବ କୁକି

ନୂଆଦିଲ୍ଲୀ : ଆଦିବାସୀ ଓ ଅଣ ଆଦିବାସୀ ସଂଘର୍ଷକୁ ନେଇ ୨୦୨୩ ମେ' ମାସରୁ ଅଶାନ୍ତ ରହିଥିବା ମଣିପୁରରେ ଶାନ୍ତି ପ୍ରତିଷ୍ଠାର ସମ୍ଭାବନା ସୃଷ୍ଟି ହୋଇଛି । ଶାନ୍ତି ପ୍ରତିଷ୍ଠା ପାଇଁ କେନ୍ଦ୍ର ଓ ମଣିପୁର ସରକାର କୁକି ଜୋ ଗ୍ରୁପ ସହ ଗୋଟିଏ ନୂଆ ବୁଝାମଣା ଚୂଡ଼ାନ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହରେ ମଣିପୁର ଗସ୍ତରେ ଯିବାର ଅଛି । ୨୦୨୩ରୁ ଆରମ୍ଭ ହୋଇଥିବା ସଂଘର୍ଷ ପରେ ଏହା ମୋଦିଙ୍କ ପ୍ରଥମ ମଣିପୁର ଗସ୍ତ ହେବ । ଏହାପୂର୍ବରୁ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଛି । ଉକ୍ତ ବୁଝାମଣା ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଆଲୋଚନା ବେଳେ ସ୍ୱାକ୍ଷରିତ ହୋଇଛି । ଏଥିରେ ଜାତୀୟ ରାଜପଥ-୨କୁ ଖୋଲିବାର ପ୍ରାବଧାନ ରହିଛି ।



ଏହାଦ୍ୱାରା ସାଧାରଣ ଲୋକ ଓ ଜରୁରୀ ସାମଗ୍ରୀ ବିନା କୌଣସି କଟକଣାରେ ଯିବା ଆସିବା କରିପାରିବ । ସଂଘର୍ଷ ଯୋଗୁ ଜାତୀୟ ରାଜପଥକୁ କୁକିମାନେ ବନ୍ଦ କରି ରଖିଥିଲେ । ଏବେ ଏହାକୁ ଖୋଲିବାକୁ ବୁଝାମଣା ହୋଇଛି । କୁକି-ଜୋ କାଉନସିଲ (କେଜେଡସି) ଏହି ପ୍ରମୁଖ ମାର୍ଗରେ ଶାନ୍ତି ବଜାୟୀ ରଖିବା ପାଇଁ ସୁରକ୍ଷାକର୍ମୀଙ୍କ ସହ ମିଶି କାମ କରିବାକୁ ରାଜି ହୋଇଛି । କେଜେଡସିର ପ୍ରତିନିଧି ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟରେ ହୋଇଥିବା ଏକାଧିକ ଥର ଆଲୋଚନା ପରେ ଏଭଳି ବୁଝାମଣା ସମ୍ଭବ ହୋଇପାରିଛି । ମଣିପୁରରେ ୨୦୨୩ ମେ' ମାସରୁ ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିଛି । ସଂଖ୍ୟାଗରିଷ୍ଠ ମୈତେ ସଂପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତା ଦେବାକୁ ମଣିପୁର ହାଇକୋର୍ଟ ବୀରେନ ସିଂହ ସରକାରଙ୍କୁ ନିର୍ଦ୍ଦେଶ ଦେବା ମାତ୍ରେ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା । ସଂଖ୍ୟାଲଘୁ ସଂପ୍ରଦାୟ କୁକି ପକ୍ଷରୁ ହାଇକୋର୍ଟ ରାୟକୁ ବିରୋଧ କରାଯାଇଥିଲା । ସେବେଠାରୁ ମଣିପୁରରେ ଦେଖାଯାଇଥିବା ସଂଘର୍ଷରେ କୁକୁ, ମୈତେ ଓ ସୁରକ୍ଷାକର୍ମୀଙ୍କୁ ମିଶାଇ ୨୬୦ ଜଣଙ୍କ ଜୀବନ ଗଲାଣି । ଅନେକ ଲୋକ ବାସହରା ହୋଇଯାଇଛନ୍ତି । ଜାତୀୟ ରାଜପଥ-୨ ଖୋଲିବା ସହ ଅତିରିକ୍ତ ଭାବେ ତ୍ରିପାକ୍ଷିକ ସସପେନସନ ଅଫ ଅପରେସନ(ଏସଓଓ) ବୁଝାମଣା ରିଭାଇଜଡ କରାଯାଇଛି । କୁକି ନ୍ୟାଶନାଲ ଅର୍ଗାନାଇଜେସନ ଓ ୟୁନାଇଟେଡ ପିପୁଲ୍ସ ଫ୍ରଣ୍ଟ ବିବାଦ ବହୁଳ ଅଞ୍ଚଳରୁ ସେମାନଙ୍କ ୭ଟି କ୍ୟାମ୍ପକୁ ଅନ୍ୟତ୍ର ସ୍ଥାନାନ୍ତର କରିବେ । ଏହାବାଦ ସେମାନେ କ୍ୟାମ୍ପ ସଂଖ୍ୟାକୁ ହ୍ରାସ କରିବେ ଓ ସିଆରପିଏଫ-ବିଏସଏଫ କ୍ୟାମ୍ପକୁ ଯେମିତି ଅସ୍ତ୍ରଶସ୍ତ୍ର ପୁଣି ଫେରିବ, ତା'କୁ ନିଶ୍ଚିତ କରିବେ । ସଂଗଠନର କ୍ୟାଡରଙ୍କ ଯାଞ୍ଚ କରାଯିବ । ସଂଗଠନରୁ ବିଦେଶୀଙ୍କ ବିତାଡ଼ିତ କରିବାକୁ ଏପରି ପଦକ୍ଷେପ ନିଆଯିବ । ଗୋଟିଏ ଯୁଗ୍ମ କମିଟି ସଂଶୋଧିତ ନିୟମ କାର୍ଯ୍ୟକାରୀ କରାଯାଉଛି କି ନାହିଁ, ତା' ଉପରେ ନଜର ରଖିବ । ନିୟମ ଉଲ୍ଲଙ୍ଘନ ହେଲେ କଡ଼ା ପଦକ୍ଷେପ ନିଆଯିବ ବୋଲି ବୁଝାମଣା ପତ୍ରରେ ଉଲ୍ଲେଖ ରହିଛି ।

# ୨୫ ବର୍ଷ କ୍ୟାରିୟରର ପୂର୍ଣ୍ଣଚ୍ଛେଦ ପକାଇଲେ ଅମିତ ମିଶ୍ରା

ନୂଆଦିଲ୍ଲୀ,୪।୯ : ଦୀର୍ଘ ୨୫ ବର୍ଷର କ୍ରିକେଟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ଭେଟରାନ ଲେଗ ସ୍ପିନର ଅମିତ ମିଶ୍ରା। ଆଜି ସେ କ୍ରିକେଟର ସବୁ ଫର୍ମାଟକୁ ଅଲବିଦା ବର୍ଷୀୟ ମିଶ୍ରା ଘରୋଇ କ୍ରିକେଟ ଓ ଅଇପିଏଲ ଖେଳୁଥିଲେ। କିନ୍ତୁ ଏବେ ସେ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି ଅମିତ ମିଶ୍ରା। ୨୦୨୪ ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଶେଷ ଥର ପ୍ରତିଯୋଗିତା ମୂଳକ

**● ୨୨ ଟେଷ୍ଟ, ୩୬ ଦିନିକିଆ ଓ ୧୦ ଟି-୨୦ରେ ନେଇଛନ୍ତି ୧୫୬ ୱିକେଟ ନେଇଛନ୍ତି**

**● ୧୬୨ ଆଇପିଏଲ ମ୍ୟାଚ୍‌ରେ ୧୭୪ ୱିକେଟ**

କହିଛନ୍ତି।୨୦୦୩ରେ ଭାରତ ପାଇଁ ଡେବ୍ୟୁ କରିଥିବା ଅମିତ ମିଶ୍ରା ୨୦୧୭ରେ ଶେଷଥର ବ୍ଲୁ ଜର୍ସିରେ ନଜର ଆସିଥିଲେ।

୮ ବର୍ଷ ହେଲା ଅନ୍ତର୍ଜାତୀୟ କ୍ରିକେଟରୁ ଦୂରେଇ ରହିଥିଲେ ହେଁ ୪୨ କ୍ରିକେଟ ଖେଳିଥିଲେ। ଦେଶ ପାଇଁ ୨୨ଟି ଟେଷ୍ଟ, ୩୬ଟି ଦିନିକିଆ ଓ ୧୦ଟି ଟି-୨୦ ଖେଳିଥିବା ଅମିତ ମିଶ୍ରା ମୋଟ ୧୫୬ଟି ୱିକେଟ ନେଇଛନ୍ତି। ୨୦୦୮ରେ ଭାରତ ପାଇଁ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିଥିଲେ ଅମିତ ମିଶ୍ରା ଅଷ୍ଟ୍ରେଲିଆ ବିପକ୍ଷ ଡେବ୍ୟୁ ଟେଷ୍ଟରେ ସେ ୫ଟି



ୱିକେଟ ଦଖଲ କରିଥିଲେ। ଆଇପିଏଲରେ ବିଭିନ୍ନ ଫ୍ରାଞ୍ଚାଇଜ ପକ୍ଷରୁ ଖେଳି ଅମିତ ନିଜର ଦକ୍ଷତା ଦେଖାଇଥିଲେ। ସେ ୧୬୨ଟି ଆଇପିଏଲ ମ୍ୟାଚ୍‌ରେ ମୋଟ ୧୭୪ଟି ୱିକେଟ ନେଇଛନ୍ତି। ସେ ଏକମାତ୍ର ବୋଲର ଭାବେ ଆଇପିଏଲରେ ୩ଥର ହ୍ୟାଟ୍ରିକ ନେଇଥିଲେ। ୨୦୦୮ରେ ଦିଲ୍ଲୀ ଡେୟାର ଡେଭିଲ୍ସ, ୨୦୧୧ରେ ଡେକାନ ଚାର୍ଜର୍ସ ଓ ୨୦୧୩ରେ ସନ ରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିବା ବେଳେ ସେ ଏପରି ବିରଳ ରେକର୍ଡର ଅଧିକାରୀ ହୋଇଥିଲେ। ଏହି ଦଳ ବ୍ୟତୀତ ସେ ଲକ୍ଷ୍ନୌ ପାଇଁ ମଧ୍ୟ ୨୦୨୪ରେ ଖେଳିଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୨୨ ଆଇପିଏଲକୁ ଛାଡ଼ି ଅମିତ ମିଶ୍ରା ଆଇପିଏଲର ବାକି ସଂସ୍କରଣରେ ମ୍ୟାଚ ଖେଳିଥିଲେ। ୨୦୦୮ରୁ ୨୦୨୪ ଯାଏ ଅନୁଷ୍ଠିତ ଆଇପିଏଲରେ ଅମିତ ମିଶ୍ରା ନିଜର ଦବଦବା ଦେଖାଇଥିଲେ। ଘରୋଇ କ୍ରିକେଟରେ ଅମିତ ମିଶ୍ରା ହରିୟାଣରୁ ନିଜର ଅଭିଯାନ ଆରମ୍ଭ କରିଥିଲେ। ୨୦୦୦-୦୧ରେ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ।

୨୦୦୩ରେ ଭାରତ ପାଇଁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆରେ ଡେବ୍ୟୁ କରିଥିଲେ। ସେହି ସମୟରେ ହରଭଜନ ସିଂହ ଓ ଅନୀଲ କୁମ୍ବଲେ ଟେଷ୍ଟ କ୍ରିକେଟରେ ନିଜ ସ୍ଥାନ ସୁରକ୍ଷିତ କରି ସାରିଥିଲେ। ତେଣୁ ୨୦୦୩ରେ ଦିନିକିଆରେ ଡେବ୍ୟୁ କରିଥିବା ମିଶ୍ରା ୨୦୦୮ରେ ଦେଶ ପାଇଁ ଟେଷ୍ଟ ଖେଳିବାର ସୁଯୋଗ ପାଇଥିଲେ। ଅନୀଲ କୁମ୍ବଲେ ଆହତ ହେବାରୁ ମିଶ୍ରାଙ୍କୁ ସୁଯୋଗ ମିଳିଥିଲା। ଡେବ୍ୟୁ ଟେଷ୍ଟରେ ହିଁ ସେ ୫ ୱିକେଟ ଦଖଲ କରି ନିଜ ଯାଦୁ ଦେଖାଇଥିଲେ ୨୦୧୩ ଚାମ୍ପିୟନ୍ସ ଟ୍ରଫି ଓ ୨୦୧୪ ଟି-୨୦ ବିଶ୍ୱକପ ଦଳରେ ମଧ୍ୟ ଅମିତ ମିଶ୍ରା ରହିଥିଲେ।

## କୋରିଆ ସହ ପଏଣ୍ଟ୍ ବାଣ୍ଟିଲା ଭାରତ

ରାଜଗିର,୪।୯: ଏସିଆ କପ୍ ହକିର ସୁପର-୪ ପର୍ଯ୍ୟାୟରେ ଆୟୋଜକ ଭାରତ ଏହି ପ୍ରତିଯୋଗିତାର ସଫଳତମ ଦଳ କୋରିଆ ସହ ପଏଣ୍ଟ୍ ବାଣ୍ଟିଛି। ଉଭୟ ଦଳ ନିର୍ଦ୍ଧାରିତ ସମୟରେ ଦୁଇଟି ଲେଖାଏଁ ଗୋଲ୍ ଦେବା ପରେ ଗୋଟିଏ ଲେଖାଏଁ ପଏଣ୍ଟରେ ସନ୍ତୁଷ୍ଟ ରହିଛନ୍ତି। ଚତୁର୍ଥ ଟ୍ରଫି ଲକ୍ଷ୍ୟରେ ଥିବା ଭାରତ ତାର ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁବାର ମାଲେସିଆର ମୁକାବିଲା କରିବ ସେହିଭଳି ତୃତୀୟ ତଥା ଶେଷ ମୁକାବିଲାରେ ଶନିବାର ଚୀନକୁ ଭେଟିବ।

ଗ୍ରୁପ୍-ଏରେ ଥିବା ଭାରତ ଲିଗ୍ ପର୍ଯ୍ୟାୟରେ ତିନିଟି ଯାକ ମ୍ୟାଚ୍ ଜିତି ସୁପର-୪କୁ ଯାଇଥିଲା ଏଣୁ ବୁଧବାର ୫ଥର ବିଜେତା କୋରିଆ ବିପକ୍ଷ ଲଢ଼େଇରେ ସମସ୍ତଙ୍କ ପସନ୍ଦର ଦଳ ଭାବେ ପଡ଼ିଆକୁ ଓହ୍ଲାଇଥିଲା ଭାରତ ମଧ୍ୟ ଏହାର ସମ୍ମାନ ରଖି ଅଷ୍ଟମ ମିନିଟ୍‌ରେ କୋରିଆ ଉପରେ ପ୍ରଥମ ଗୋଲ୍ ଲଦି ଦେଇଥିଲା। ସଂଯୋଗବଶତଃ ଭାରତର ୮ ନମ୍ବର ଖେଳାଳି ହାର୍ଦ୍ଦିକ ସିଂହ ହିଁ ଏକ ସୁନ୍ଦର ଗୋଲ୍ ଦେଇ ଦଳ ସହ ଘରୋଇ ଦର୍ଶକଙ୍କୁ ମଧ୍ୟ ଖୁସି କରି ଦେଇଥିଲେ। ତେବେ ଟିମ୍ ଇଣ୍ଡିଆ। ସହ ଷ୍ଟାଡିୟମ୍ ଏବଂ କୋଟିକୋଟି ଭାରତୀୟ ଟେଲିଭିଜନ୍ ଦର୍ଶକଙ୍କ ଖୁସି ମାତ୍ର ୪ ମିନିଟ୍ ଭିତରେ ଚିନ୍ତାରେ ପରିଣତ ହୋଇଯାଇଥିଲା। କୋରିଆ। ଦ୍ୱାଦଶ ମିନିଟ୍‌ରେ ପାଇଥିବା ପେନାଲ୍ଟି ଷ୍ଟ୍ରୋକ୍‌କୁ ଜିହାନ ୟାଙ୍ଗ ସଫଳତାର ସହ ଗୋଲ୍‌ରେ ରୂପାନ୍ତର କରି ପ୍ରଥମେ ସ୍ଥିତି ୧-୧ କରି ନେଇଥିଲେ। ଏହାର ୨ ମିନିଟ୍ ପରେ କୋରିଆ ଅଗ୍ରଭାଗ ଭାରତୀୟ ରକ୍ଷଣଭାଗକୁ ଚକ୍‌ମା ଦେଇ ଏକ ଦର୍ଶନୀୟ ପେନାଲ୍ଟି କର୍ଣ୍ଣର ଅର୍ଜନ କରି ନେଇଥିଲା। ଏଥିରୁ କିମ୍ ହେନହାଙ୍ଗ୍ ଗୋଲ୍ ଚୋରାଇ ନେଇ କୋରିଆକୁ ୨-୧ରେ ଅଗୁଆ କରି ନେଇଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଏହି ସ୍ଥିତି ଅପରିବର୍ତ୍ତିତ ରହିବା ପରେ ଭାରତ ଉପରେ ଚାପ ବଢ଼ିଥିଲା। ସେଥିପାଇଁ ମଧ୍ୟାନ୍ତର ପରେ ଭାରତ ତାର ରଣନୀତି ବଦଳାଇ ଆକ୍ରମଣକୁ ଆହୁରି ଜୋର୍‌ଦାର୍ କରିଥିଲା। ତେବେ କୋରିଆ। ରକ୍ଷଣଭାଗକୁ ଭେଦ କରିବାରେ ୨୫ ମିନିଟ୍ ସମୟ ଲାଗି ଯାଇଥିଲା। ୫୩ ମିନିଟ୍‌ରେ ମନଦୀପ ସିଂହ ନିଜ ଅପୂର୍ବ ଷ୍ଟିକ୍ ଚାଳନା ବଳରେ ଏହି ଗତିରୋଧ ଦୂର କରି ଭାରତ ପାଇଁ ବହୁ ପ୍ରତୀକ୍ଷିତ ଦ୍ୱିତୀୟ ଗୋଲ୍ ଅର୍ଜନ କରିଥିଲେ।

## ଫେରିଲେ ଶ୍ରୀନିବାସନ୍



ନୂଆଦିଲ୍ଲୀ,୪।୯ : ବିସିସିଆଇର ପୂର୍ବତନ ସଭାପତି ଏନ୍. ଶ୍ରୀନିବାସନ୍ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ)ର ଚେୟାରମ୍ୟାନ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି୍ଂ ତେବେ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। କିନ୍ତୁ ଏହା ଫ୍ରାଞ୍ଚାଇଜ୍ ପାଇଁ ଏକ ବରଦାନ ବୋଲି ସିଇଓ କାଶୀ ବିଶ୍ୱନାଥନ୍ ବୁଧବାର କହିଛନ୍ତି୍ଂ ୮୦ ବର୍ଷୀୟ ଶ୍ରୀନିବାସନ୍‌ଙ୍କୁ କିଛି ସପ୍ତାହ ତଳେ ବସିଥିବା ଚେନ୍ନାଇ ଫ୍ରାଞ୍ଚାଇଜ୍‌ର ବୋର୍ଡ ମିଟିଂରେ ଚେୟାରମ୍ୟାନ ନିଯୁକ୍ତ କରାଯାଇଥିଲା।

ଶ୍ରୀନିବାସନ୍ ଫେରିବା ଆମ ପାଇଁ ଏକ ବରଦାନ ସଦୃଶ ସେ ଆମ ଲାଗି ଶ୍ରେଷ୍ଠ ପ୍ରଶାସନିକ ଅଧିକାରୀ ରହିଛନ୍ତି। ସେ ସିଏସ୍‌କେକୁ ଫେରି ଆସିଥିବାରୁ ମୁଁ ବହୁତ ଖୁସି ଅଧିକ ଟ୍ରାଭେଲ କରୁ ନ ଥିବାରୁ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ କିନ୍ତୁ ଆମେ ତାଙ୍କ ଯୋଗାଯୋଗରେ ରହିବୁ ବୋଲି ବିଶ୍ୱନାଥନ୍ କହିଛନ୍ତି।

## ବଢ଼ିଲା ଶିଖର ଧାୱନଙ୍କ ଅଡୁଆ

ନୂଆଦିଲ୍ଲୀ,୪।୯ :ଭାରତୀୟ ଦଳର ପୂର୍ବତନ ଓପନର ଶିଖର ଧାୱନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଛି। ଏକ ବେଟିଂ ଆପ ପ୍ରମୋସନ ସହ ଜଡିତ ଏକ ମାମଲାରେ ପଚରାଉଚରା ପାଇଁ ତାଙ୍କୁ ଡକାଯାଇଛି। ରିପୋର୍ଟ ଅନୁଯାୟୀ, ଏହି ତଦନ୍ତ ଧାନ ସୋସିଆଲ ମିଡିଆରେ ପ୍ରମୋଟ କରୁଥିବା ଅନଲାଇନ ବେଟିଂ ପ୍ଲାଟଫର୍ମ ୧ ସହ ଜଡିତ ଏବେ ଶିଖର ଧାୱନଙ୍କୁ ଏହି ମାମଲାରେ ତାଙ୍କର ଭୂମିକା ସ୍ପଷ୍ଟ କରିବା ପାଇଁ ତଦନ୍ତରେ ଯୋଗ ଦେବାକୁ କହିଛି।ସମ୍ପ୍ରତି, ପୂର୍ବତନ ଟିମ ଇଣ୍ଡିଆ। କ୍ରିକେଟର ସୁରେଶ ରାଇନାଙ୍କୁ ମଧ୍ୟ ପଚରାଉଚରା କରିଥିଲା। ଗତ ବର୍ଷଠାରୁ, ଅନେକ ବଲିଉଡ ଏବଂ ଦକ୍ଷିଣ ଚଳଚ୍ଚିତ୍ର ଅଭିନେତା ଏବଂ କ୍ରିକେଟରଙ୍କ ବିରୋଧରେ ବେଆଇନ ବେଟିଂ ଆପ ପ୍ରମୋଟ କରିବା ପାଇଁ ତଦନ୍ତ ଚାଲିଛି। ଏହି ତାଲିକାରେ ବିଜୟ ଦେବରକୋଣ୍ଡା, ରାଣା ଦଗ୍ଗୁବାଟି, ପ୍ରକାଶ ରାଜ, ହରଭଜନ ସିଂହ, ଉର୍ବଶୀ ରଉତେଲା ଏବଂ ସୁରେଶ ରାଇନା ଅନ୍ତର୍ଭୁକ୍ତ। ନିକଟରେ ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ହରଭଜନ ସିଂହ ଦ୍ୱାରା ସେମାନଙ୍କର ବୟାନ ରେକର୍ଡ କରିଥିଲେ। ଏବେ ଶିଖର ଧାନଙ୍କୁ ମଧ୍ୟ ଏହି ମାମଲାରେ ସମନ କରିଛି ।

## ବିସିସିଆଇ ବସ୍ ହେବେ କିମ୍ବଦନ୍ତୀ କ୍ରିକେଟର

ନୂଆଦିଲ୍ଲୀ,୪।୯ : ବିସିସିଆଇ ସଭାପତି ଭାବେ ନିଯୁକ୍ତି ପାଇବେ ଜଣେ କିମ୍ବଦନ୍ତୀ କ୍ରିକେଟର ବିସିସିଆଇ ସଭାପତି ଭାବେ କାର୍ଯ୍ୟ କରୁଥିବା ରୋଜର ବିନ୍ନି ୭୦ ବର୍ଷରେ ପାଦ ଥାପିବା ମାତ୍ରେ ପ୍ରଚଳିତ ନିୟମ ଅନୁସାରେ ପଦ ଛାଡ଼ି ଦେଇଥିଲେ। ଏହାପରେ ବୋର୍ଡର ଅନ୍ତରୀଣ ସଭାପତି ଭାବେ ରାଜୀବ ଶୁକ୍ଳା କାମ କରୁଛନ୍ତି ହେଲେ ବିସିସିଆଇ ସଭାପତି ପଦରେ ପୁଣି ଜଣେ କିମ୍ବଦନ୍ତୀ କ୍ରିକେଟରଙ୍କୁ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି।

ରିପୋର୍ଟ ଅନୁସାରେ, ଭାରତୀୟ କ୍ରିକେଟର ଜଣେ କିମ୍ବଦନ୍ତୀ କ୍ରିକେଟର ବିସିସିଆଇ ସଭାପତି ହେବ ତାଙ୍କ ନାଁ ସାର୍ବଜନୀନ ହୋଇ ନଥିଲେ ହେଁ ସେ ଖେଳିବା ସମୟରେ ଏକାଧିକ ରେକର୍ଡ ଭାଙ୍ଗି ଥିଲେ ସେହି କିମ୍ବଦନ୍ତୀ କ୍ରିକେଟରଙ୍କୁ ସଭାପତି ପଦରେ ନିଯୁକ୍ତି ଦେବାକୁ ବିସିସିଆଇ ପ୍ରକ୍ରିୟା ଆରମ୍ଭ କରିଛି।

ବୋର୍ଡର ସଭାପତି ପଦ ସବୁବେଳେ କ୍ରିକେଟରଙ୍କ ପାଖରେ ରହିବ ବୋଲି ଯେଉଁ ଧାରା ଆରମ୍ଭ ହୋଇଛି, ତାକୁ ବିସିସିଆଇ ବଳବତ୍ତର ରଖିବାକୁ ଚାହୁଁଛି ୨୦୧୯ରେ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବିସିସିଆଇ ସଭାପତି ହୋଇଥିଲେ ତାଙ୍କ ପରେ ୧୯୮୩ ବିଶ୍ୱକପ ବିଜେତା ଦଳର ସଦସ୍ୟ ରୋଜର ବିନ୍ନି ସଭାପତି ଦାୟିତ୍ୱ ନେଇଥିଲେ। ଏବେ ସେଭଳି ଜଣେ କିମ୍ବଦନ୍ତୀ କ୍ରିକେଟର ହିଁ ବିସିସିଆଇ ସଭାପତି ହେବେ।ଚଳିତ ମାସ ଶେଷ ସପ୍ତାହରେ ବିସିସିଆଇର ସଭାପତି, ସମ୍ପାଦକ, ଉପ ସଭାପତି, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ ଆଇପିଏଲ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହେବ କ୍ରୀଡ଼ା ସଂସ୍ଥାର



ଶୀର୍ଷ ପଦରେ କ୍ରୀଡ଼ାବିତ ରହିବା ସପକ୍ଷରେ ଯୁକ୍ତି ଉପସ୍ଥାପନ କରାଯାଉଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ଏହା ଉପରେ ଗୁରୁ ଦେଇଛନ୍ତି ତେଣୁ କ୍ରିକେଟର ସର୍ବୋଚ୍ଚ ସଂସ୍ଥାରେ ମଧ୍ୟ ଜଣେ ପୂର୍ବତନ କ୍ରିକେଟରଙ୍କୁ ନିଯୁକ୍ତି ଦିଆଯିବ।ରିପୋର୍ଟରେ କୁହାଯାଇଛି ଯେ ଚଳିତ ମାସ ଶେଷ ସପ୍ତାହରେ ନିର୍ବାଚନ ହେବାକୁ ଥିବା ବେଳେ ବିସିସିଆଇ ସମ୍ପାଦକ ଭାବେ ଦେବଜିତ ସାଇକିଆ। ନିଜ ପଦ ବଜାୟୀ ରଖିବେ ସେହିପରି କୋଷାଧ୍ୟକ୍ଷ ପଦରେ ପ୍ରଭତେଜ ଭାଟିଆ। ଓ ଯୁଗ୍ମ ସମ୍ପାଦନକ ଭାବେ ରୋହନ ଦେଶାଇ ପୂର୍ବ ଭଳି କାମ କରିବେ ।ଆଇପିଏଲ ଅଧ୍ୟକ୍ଷ ପଦ ଦୌଡ଼ରେ ସଞ୍ଜୟ ନାଏକ (ଏମସିଏର ପୂର୍ବତନ ସମ୍ପାଦକ) ଓ ରାଜୀବ ଶୁକ୍ଳା ରହିଛନ୍ତି। ଯଦି ରାଜୀବ ଶୁକ୍ଳା ଆଇପିଏଲ ପାଇଁ ବିସିସିଆଇ ଉପ ସଭାପତି ପଦ ଛାଡ଼ିବେ, ତାହେଲେ ବିଜେପି ନେତା ତଥା ବିହାର କ୍ରିକେଟ ଆସୋସିଏସନ ସଭାପତି ରାକେଶ ତିରୀ ଏହି ସ୍ଥାନ ଦଖଲ କରିବେ।

### ବଳାତ୍କାର କେସ୍

## ପାକ୍ କ୍ରିକେଟରଙ୍କୁ କୋର୍ଟରୁ ଆଶ୍ୱସ୍ତି

ଲଣ୍ଡନ,୪।୯ :ପାକିସ୍ତାନୀ କ୍ରିକେଟର ହାଇଦର ଅଲିଙ୍କୁ କିଛି ଦିନ ପୂର୍ବରୁ ଲଣ୍ଡନରେ ଗିରଫ କରାଯାଇଥିଲା ଜଣେ ବ୍ରିଟିଶ-ପାକିସ୍ତାନୀ ମହିଳା ତାଙ୍କ ଉପରେ ବଳାତ୍କାର ଅଭିଯୋଗ ଆଣିଥିଲେ। ଏହା ପରେ, ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟ ତାଙ୍କୁ ନିଲମ୍ବିତ କରିଥିଲା, ଏବେ କ୍ରିକେଟରଙ୍କୁ କୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି।

ଏହି ୨୪ ବର୍ଷୀୟ ଯୁବ ଖେଳାଳି ପାକିସ୍ତାନ ପାଇଁ ୩୭ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଜଣେ ବ୍ରିଟିଶ-ପାକିସ୍ତାନୀ ମହିଳା ତାଙ୍କ ଉପରେ ବଳାତ୍କାର ଅଭିଯୋଗ ଆଣିଥିଲେ, ଯାହା ପରେ ତାଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲା ଲଣ୍ଡନର ଏକ କୋର୍ଟରେ ଚାଲିଥିଲା ରିପୋର୍ଟ ଅନୁସାରେ, ପ୍ରମାଣ ଅଭାବରୁ କୋର୍ଟ ଏହି ମାମଲାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି ହାଇଦର ଅଲିଙ୍କୁ ଫୌଜଦାରୀ ଆଇନ ବିଶେଷଜ୍ଞ ମୋଇନ ଖାନ ପକ୍ଷ ରଖିଥିଲେ।ମହିଳା ତାଙ୍କ ଉପରେ ବଳାତ୍କାର ଅଭିଯୋଗ ଆଣିବା ପରେ, ପୋଲିସ ତୁରନ୍ତ ପାକିସ୍ତାନୀ କ୍ରିକେଟରଙ୍କୁ ଗିରଫ କରିଥିଲା ତଥାପି, ତାଙ୍କୁ ଜାମିନ ଦେବା ସମୟରେ, କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ସେ ବର୍ତ୍ତମାନ ତାଙ୍କ ଦେଶ (ପାକିସ୍ତାନ) ଫେରିପାରିବେ ନାହିଁ।




ମହିଳା ଜଣକ ତାଙ୍କ ଅଭିଯୋଗରେ ପୋଲିସକୁ କହିଥିଲେ, ସେ ପ୍ରଥମ ଥର ପାଇଁ ୨୩ ଜୁଲାଇ ୨୦୨୫ରେ ମାଞ୍ଚେଷ୍ଟରର ଏକ ହୋଟେଲରେ କ୍ରିକେଟର ହାଇଦର ଅଲିଙ୍କୁ ଭେଟିଥିଲେ। ଏହା ପରେ, ଉଭୟ ଅଗଷ୍ଟ ୧ରେ ଆଶଫୋର୍ଡରେ ପୁଣି ଥରେ ସାକ୍ଷାତ କରିଥିଲେ ମହିଳା ଜଣକ ପ୍ରାୟ ୧୫ ଦିନ ପୂର୍ବରୁ ଏହି ରିପୋର୍ଟ ଦାଖଲ କରିଥିଲେ ପୋଲିସ ଏବେ ହାଇଦର ଅଲିଙ୍କୁ ଯେକୌଣସି ସ୍ଥାନକୁ ଯିବା ପାଇଁ ସ୍ୱାଧୀନତା ଦେଇଛି ଅଲିଙ୍କ ପାସପୋର୍ଟ ଫେରସ୍ତ କରାଯାଇଛି, ଏବେ ସେ ତାଙ୍କ ଦେଶ କିମ୍ବା ୟୁକେରୁ ଯେକୌଣସି ସ୍ଥାନକୁ ଯାଇପାରିବେ।ହାଇଦର ଅଲି ପାକିସ୍ତାନ ପାଇଁ ୩୫ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ୫୦୫ ରନ କରିଛନ୍ତି ସେ ୨ଟି ଦିନିକିଆ। ମ୍ୟାଚ ମଧ୍ୟ ଖେଳିଛନ୍ତି ୨୪ ବର୍ଷୀୟ ହାଇଦର ଆରମ୍ଭରୁ ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗକୁ ମିଥ୍ୟା ବୋଲି କହି ଚାଲିଥିଲେ। ସେ ପୋଲିସକୁ କହିଥିଲେ, ସେ ମହିଳାଙ୍କ ସହିତ କିଛି ଭୁଲ କରିନାହାଁନ୍ତି। ଉଭୟ ପରସ୍ପରକୁ ପୂର୍ବରୁ ଜାଣିଥିଲେ।

## ଆଇପିଏଲ୍ ଟିକେଟରେ ବଢ଼ିଲା ଜିଏସ୍‌ଟି ହାର

ନୂଆଦିଲ୍ଲୀ,୪।୯ : ସାମଗ୍ରୀ ଏବଂ ସେବା ଟିକସ ( ସଂସ୍କାର)ର ନୂତନ ଦର କ୍ରିକେଟକୁ ମଧ୍ୟ ପ୍ରଭାବିତ କରିବ ଏବେ ପ୍ରଶଂସକମାନଙ୍କ ପାଇଁ ଷ୍ଟାଡିୟମକୁ ଯାଇ ମ୍ୟାଚ ଦେଖିବା ମହଙ୍ଗା ହେବ ସେପ୍ଟେମ୍ବର ୩ରେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ, ଆଇପିଏଲ୍ ଟିକେଟ ଉପରେ ଜିଏସ୍‌ଟି ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାର ପ୍ରଭାବ ଆଇପିଏଲ୍ ୨୦୨୬ରେ ଦେଖାଯିବ।

ପରିଷଦ ବୈଠକରେ, ଇଣ୍ଡିଆନ ପ୍ରିମିୟର ଲିଗ ମ୍ୟାଚର ଟିକେଟ ଉପରେ ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏପର୍ଯ୍ୟନ୍ତ ଏହା ୨୮ ପ୍ରତିଶତ ଥିଲା । ଅର୍ଥାତ୍ ଅଣଆଇପିଏଲ୍ ମ୍ୟାଚର ଟିକେଟ ଉପରେ ୧୨ ପ୍ରତିଶତ ବୃଦ୍ଧି କରାଯାଇଛି। ଏହା କ୍ରିକେଟ ପ୍ରଶଂସକଙ୍କ ପକେଟକୁ ପ୍ରଭାବିତ କରିବ।



ଯଦି ଗୋଟିଏ ଟିକେଟ ମୂଲ୍ୟ ୧୦୦୦ ଟଙ୍କା ସ୍ଥିର ହୋଇଛି ପୂର୍ବରୁ ଏଥିରେ ୨୮ ପ୍ରତିଶତ ଜିଏସ୍‌ଟି ଥିଲା, ତେଣୁ ଏହା ଅନୁସାରେ ମୋଟ ୧୨୮୦ ଟଙ୍କା ଦେବାକୁ ପଡୁଥିଲା, କିନ୍ତୁ ବର୍ତ୍ତମାନ ନୂତନ ହାର ଅନୁସାରେ ଏଥିପାଇଁ ୧୪୦୦ ଟଙ୍କା ଦେବାକୁ ପଡିବ। ଏହାର ଅର୍ଥ ହେଉଛି ଯେ ବର୍ତ୍ତମାନ ପ୍ରଶଂସକମାନଙ୍କୁ ୧୨୦ ଟଙ୍କା ଅଧିକ ଦେବାକୁ ପଡିବ। ଏହିପରି ଭାବରେ, ଯଦି ଟିକେଟ ମୂଲ୍ୟ ୨୦୦୦ ଟଙ୍କା ହୁଏ, ତେବେ ଏହା ଉପରେ ୮୦୦ ଟଙ୍କା ନିଆଯିବ ଏବଂ ମୋଟ ମୂଲ୍ୟ ୨୮୦୦ ଟଙ୍କା ହେବ।

ଏହାର ପ୍ରଭାବ ଆଇପିଏଲ୍ ୨୦୨୬ ସମୟରେ ଦେଖାଯିବ। ଯଦି ଆୟୋଜକମାନେ ଟିକେଟ ମୂଲ୍ୟରେ କୌଣସି ଆଶ୍ୱସ୍ତି ନ ଦିଅନ୍ତି କିମ୍ବା ବୃଦ୍ଧି ନ କରନ୍ତି, ତେବେ ଷ୍ଟାଡିୟମରେ ପ୍ରଶଂସକଙ୍କ ଅଭାବ ହୋଇପାରେ। ଭାରତରେ କ୍ରିକେଟକୁ ପୂଜା କରାଯାଏ ଏବଂ କ୍ରିକେଟ ପ୍ରେମୀମାନେ କୁ ଏକ ଉତ୍ସବ ପରି ପାଳନ କରନ୍ତି ଦେଖାଯାଇଛି ଯେ, ଆଇପିଏଲ୍ ସମୟରେ ପ୍ରତ୍ୟେକ ମ୍ୟାଚରେ ଟିକେଟ ପାଇଁ ଚାହିଦା ବୃଦ୍ଧି ପାଉଛି। ବର୍ତ୍ତମାନ ଏହା ଦେଖିବା ଆକର୍ଷଣୀୟ ହେବ ଯେ, ନୂତନ ଜିଏସ୍‌ଟିହାର ପରେ ଟିକେଟ ପାଇଁ ସମାନ ଲଢ଼େଇ ହେବ କି ନାହିଁ। ସ୍ୱୀକୃତିପ୍ରାପ୍ତ ଟୁର୍ନାମେଣ୍ଟ ପାଇଁ ଟିକେଟ ଉପରେ ଜିଏସ୍‌ଟି ବୃଦ୍ଧି କରାଯାଇ ନାହିଁ। ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରର ଖେଳ ପାଇଁ ୫୦୦ ଟଙ୍କା ମୂଲ୍ୟର ଟିକେଟ ଉପରେ ଲାଗୁ ହେବ ନାହିଁ, ଯେତେବେଳେ ଏହାଠାରୁ ଅଧିକ ମୂଲ୍ୟର ଟିକେଟ ଉପରେ ପୂର୍ବ ପରି ୧୮ ପ୍ରତିଶତ ଜିଏସ୍‌ଟିଲାଗୁ ହେବ।

## କୋହଲିଙ୍କ ସହ ସମ୍ପର୍କଙ୍କୁ ନେଇ ମୁହଁ ଖୋଲିଲେ ଅବନୀତ କୌର

ନୂଆଦିଲ୍ଲୀ,୪।୯: କିଛି ଦିନ ପୂର୍ବରୁ କ୍ରିକେଟର ବିରାଟ କୋହଲି ଇନଷ୍ଟାଗ୍ରାମରେ ଅଭିନେତ୍ରୀ ଅବନୀତ କୌରଙ୍କ ଫଟୋକୁ ଭୁଲବଶତଃ ଲାଇକ କରିଥିଲେ। ଏହାର ସ୍କ୍ରିନସଟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା ଏବେ ଏହାକୁ ନେଇ ଅବନୀତଙ୍କ ପ୍ରତିକ୍ରିୟା ପୁଣି ଥରେ ଆସିଛି। ଅବନୀତ କହିଛନ୍ତି, ମୁଁ ଏହି ଜିନିଷଗୁଡ଼ିକୁ ମୋ ଉପରେ ପ୍ରଭାବ ପକାଇବାକୁ ଦିଅନ୍ତି ନାହିଁ। ମୁଁ କେବଳ କଠିନ ପରିଶ୍ରମ କରିଚାଲିଛି, ଏହା ହିଁ ମୋର ଧ୍ୟାନ। ମୁଁ କେବଳ ଅଭିନୟ ନୁହେଁ, ପ୍ରତ୍ୟେକ ଦିଗରେ ନିଜକୁ ଉନ୍ନତ କରିବାକୁ ଚେଷ୍ଟା କରେ। ମୁଁ ମୋର ସ୍ୱପ୍ନ କିମ୍ବା ମୋ ବାପାମାଙ୍କୁ ଗର୍ବିତ କରିବା ବିଷୟରେ କେବେ ଭୁଲେ ନାହିଁ। ଏଗୁଡ଼ିକ ଏପରି କିଛି ଜିନିଷ ଯାହା ଦ୍ୱାରା ମୁଁ ବିଚଳିତ ହୁଏ ନାହିଁ। କାରଣ ଯଦି ମୁଁ ଏହି ଜିନିଷଗୁଡ଼ିକ ଉପରେ ଧ୍ୟାନ ଦେଇ ଚାଲିଥାଏ, ତେବେ ମୁଁ ଆଗକୁ ବଢ଼ିପାରିବି ନାହିଁ, ଏବଂ ମୁଁ ତାହା ଚାହେଁ ନାହିଁ। ଅବନୀତ ଏବଂ କୋହଲିଙ୍କ ମଧ୍ୟରେ ବିବାଦ ପ୍ରଥମେ ଏପ୍ରିଲ ୩୦ରେ ଆରମ୍ଭ ହୋଇଥିଲା ଅବନୀତ ସବୁଜ କ୍ରପ ଟପ ଏବଂ ପ୍ରିଣ୍ଟେଡ ରାପ ସ୍କର୍ଟରେ କିଛି ଫଟୋ ଅପଲୋଡ କରିଥିଲେ। କୋହଲି ଏହି ଫଟୋରେ ଲାଇକ କରିଥିଲେ। ଏହାକୁ ନେଇ ସୋସିଆଲ ମିଡ଼ିଆରେ ତାଙ୍କୁ ଟ୍ରୋଲ କରାଯାଇଥିଲା।



## ଆଫଗାନିସ୍ତାନ ଆଗରେ ମାଟି କାମୁଡ଼ିଲା ପାକିସ୍ତାନ

ନୂଆଦିଲ୍ଲୀ,୪।୯: ତ୍ରିକୋଣୀୟ ଟି-୨୦ ସିରିଜର ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ପାକିସ୍ତାନ ବିପକ୍ଷରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା ଏହି ମ୍ୟାଚ ପରେ ଆଫଗାନିସ୍ତାନର ପ୍ରଦର୍ଶନ ଉପରେ ପ୍ରଶ୍ନ ଉଠିଥିଲା ।ଆଫଗାନିସ୍ତାନ ଦଳ ପ୍ରଥମେ ୟୁଏଇ ଏବଂ ଏବେ ପାକିସ୍ତାନକୁ ପରାସ୍ତ କରି ପରାଜୟ କେବଳ ଏକ ସଂଯୋଗ ବୋଲି ଦର୍ଶାଇଛି। ଶାରଜା କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆଫଗାନିସ୍ତାନ ପାକିସ୍ତାନକୁ ୧୮ ରନ୍‌ରେ ପରାସ୍ତ କରିଥିଲା।

୧୭୦ ରନ୍‌ର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଥିବାବେଳେ ପାକିସ୍ତାନର ଆରମ୍ଭ ବହୁତ ଖରାପ ହୋଇଥିଲା ଦଳ ୮ ରନ୍‌ରେ ସାମ ଆୟୁବଙ୍କ ରୂପରେ ପ୍ରଥମ ଉଇକେଟ ହରାଇଥିଲା ସେ ଖାତା ଖୋଲି ନ ପାରି ଆଉଟ ହୋଇଥିଲେ ଏହା ପରେ ନିୟମିତ ବ୍ୟବଧାନରେ ଉଇକେଟ ପଡ଼ିବା ଜାରି ରହିଥିଲା ବ୍ୟାଟ୍ସମ୍ୟାନମାନେ ଭଲ ଆରମ୍ଭକୁ ବଡ଼ ଇନିଂସ୍‌ରେ ପରିଣତ କରିପାରି ନ ଥିଲେ କ୍ରମାଗତ ଉଇକେଟ ପତନ ଯୋଗୁ ଆବଶ୍ୟକ ରନ ହାର ବଢ଼ିବାରେ ଲାଗିଥିଲା ଏବଂ ପାକିସ୍ତାନ ଉପରେ ଚାପ ବଢ଼ିବାରେ ଲାଗିଲା। ପାକିସ୍ତାନ ୨୦ ଓଭରରେ ୯ ଉଇକେଟ ହରାଇ ୧୫୧ ରନ କରିପାରିଲା ଏବଂ ୧୮ ରନ୍‌ରେ ପରାସ୍ତ ହୋଇଥିଲା। ସାହିବଜାଦା ଫରହାନ ୧୮, ଫଖର ଜମାନ ୨୫, ଅଧିନାୟକ ସଲମାନ ଅଲି ଆଗା ୨୦ ରନ କରିବା ପରେ ଆଉଟ ହୋଇଥିଲେ। ହାରିସ ରୌଫ ଶେଷରେ ଆସି ୧୬ ବଲରେ ୩୬ ରନ କରିଥିଲେ। ଯଦି ଏହି ଇନିଂସ ଆସି ନ ଥାନ୍ତା, ତେବେ ପାକିସ୍ତାନର ପରାଜୟର ବ୍ୟବଧାନ ଆହୁରି ବଡ଼ ହୋଇଥାନ୍ତା। ଆଫଗାନିସ୍ତାନ ୧୬୯ ରନ ରକ୍ଷା ପାଇଁ ସମସ୍ତ ପ୍ରୟାସ କରିଥିଲେ। ଦଳର ଅଭିଜ୍ଞ ବୋଲର ମହମ୍ମଦ ନବି, ରସିଦ ଖାନ, ଫଜଲହକ ଫାରୁକି ଏବଂ ନୁର ଅହମ୍ମଦ ଭଲ ବୋଲିଂ କରିଥିଲେ ଏବଂ ଉଇକେଟ ନେଇଥିଲେ।ରଶିଦ ଖାନ ୪ ଓଭରରେ ୩୦ ରନ ଦେଇ ୨ ଉଇକେଟ,ମହମ୍ମଦ ନବି ୪ ଓଭରରେ ୨୦ ର ଦେଇ ୨ ଉଇକେଟ, ନୁର ଅହମ୍ମଦ ୪ ଓଭରରେ ୨୦ ରନ ଦେଇ ୨ ଉଇକେଟ ନେଇଥିଲେ ଫଜଲହକ ଫାରୁକି ୩ ଓଭରରେ ୨୧ ରନ ଦେଇ ୨ ଉଇକେଟ ନେଇଥିଲେ।ପୂର୍ବରୁ, ଆଫଗାନିସ୍ତାନ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ସେଦିକୁଲ୍ଲାହ ଅଟଲଙ୍କ ୬୪ ଏବଂ ଇବ୍ରାହିମ ଜାଦ୍ରାନଙ୍କ ୬୫ ରନ ଯୋଗୁ ଆଫଗାନିସ୍ତାନ ୫ ଉଇକେଟରେ ୧୬୯ ରନ କରିଥିଲା। ଇବ୍ରାହିମ ଏବଂ ସେଦିକୁଲ୍ଲାହ ଦ୍ୱିତୀୟ ୱିକେଟ ପାଇଁ ୧୧୩ ରନର ଭାଗୀଦାରି କରିଥିଲେ। ଆଫଗାନିସ୍ତାନର ମଧ୍ୟକ୍ରମ ବିଫଳ ହୋଇଥିଲା ଏବଂ ଏହି କାରଣରୁ ମୋଟ ସ୍କୋର ଅତି କମରେ ୨୦ ରନ କମ ଥିଲା। ପାକିସ୍ତାନ ପକ୍ଷରୁ ଫହିମ ଆଶ୍ରଫ ସବୁଠାରୁ ସଫଳ ବୋଲର ଥିଲେ ଆଶ୍ରଫ ୨ ଓଭରରେ ୨୭ ରନ ଦେଇ ୧ ଉଇକେଟ ନେଇଥିଲେ ସାମ ଆୟୁବ ୧ ଉଇକେଟ ପାଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ